ତୃତୀୟ ବର୍ଷ ● ଷଷ୍ଠ ସଂଖ୍ୟା
ସେପ୍ଟେମ୍ବର-ଅକ୍ଟୋବର, ୨୦୧୮



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)

## ଅଦ୍‌ଭୁତ, ଅବିସ୍ମରଣୀୟ, ଐତିହାସିକ ଅନ୍ତର୍ରାଷ୍ଟ୍ରୀୟ ଆର୍ଯ୍ୟ ମହାସମ୍ମେଳନ - ୨୦୧୮ ସୋଲ୍ଲାସ ସମ୍ପନ୍ନ






ମାନବକଲ୍ୟାଣ ବିଶ୍ୱଶାନ୍ତି ଏକତା ଯଜ୍ଞରେ ୧୦ ହଜାର ଯାଜ୍ଞିକ ଏକାସାଥିରେ ଯଜ୍ଞ କରି ବିଶ୍ୱରେକର୍ଡ କଲେ

ଆର୍ଯ୍ୟସମାଜର ସଙ୍କଳ୍ପ 'ଘରେ-ଘରେ ଯଜ୍ଞ - ପ୍ରତିଘରେ ଯଜ୍ଞ'କୁ ସ୍ୱାମୀ ରାମଦେବ ଉଦ୍‌ଘୋଷଣା କଲେ







ଉଦ୍‌ଘାଟନରେ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ, କେନ୍ଦ୍ରମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ପ୍ରମୁଖ





ଧ୍ୱଜାରୋହଣରେ ମହାଶୟ ଧର୍ମପାଳ, ସ୍ୱାମୀ ଦେବବ୍ରତ, ସୁରେଶ ଚନ୍ଦ୍ର ଆର୍ଯ୍ୟ, ଯୋଗେଶ ମୁଞ୍ଜାଲ ପ୍ରମୁଖ







ସଂସ୍କୃତି ଓ ସାମାଜିକ ଚେତନା ସମ୍ମେଳନରେ ସ୍ୱାମୀ ରାମଦେବ ଓ କେନ୍ଦ୍ର ପରିବହନ ମନ୍ତ୍ରୀ ନିତିନ୍ ଗଡକରୀ







ସଂସ୍କୃତି ଓ ସାମାଜିକ ଚେତନା ସମ୍ମେଳନରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଓ ବିଜେପି ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**



କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org


**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-


**Shruti Sourabha**
Spiritual Social Vedic Magazine
Bimonthly
Vol-3, Issue-6, Sept-Oct. 2018

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଈଶ୍ୱରଙ୍କ ନାମ 'ଓ୩ମ୍' | ୦୨ |
| ୦୨. | ଯଜ୍ଞବିଧି | ୦୭ |
| ୦୪. | ସତ୍ୟାର୍ଥ ପ୍ରକାଶ | ୧୫ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଈଶ୍ୱରଙ୍କ ନାମ 'ଓ୩ମ୍'

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ. —** ପ୍ରତ୍ୟେକ ମଣିଷର ଯେପରି ନାମ ରହିଛି, ସେହିପରି ଈଶ୍ୱରଙ୍କର ମଧ୍ୟ ନାମ ଅଛି କି ?

**ସ୍ୱାମୀଜୀ —** ସଂସାରରେ ଯେତେ ବି ଜଡ଼-ଚେତନ ସତ୍ତା ବିଦ୍ୟମାନ, ସେ ସବୁର ପରିଚୟ ସେଗୁଡ଼ିକର ନାମ-ରୂପ ଦ୍ୱାରା ହୋଇଥାଏ। ସୃଷ୍ଟି ଆରମ୍ଭରେ ସୃଷ୍ଟ ପଦାର୍ଥଗୁଡ଼ିକୁ ସ୍ୱରୂପ ତ ପରମେଶ୍ୱର ଦେଲେ; କିନ୍ତୁ ବିନା ନାମରେ ଆମେ ସେସବୁକୁ ନେଇ ପାରସ୍ପରିକ ବ୍ୟବହାର କରିପାରିନଥାନ୍ତେ। ତେଣୁ ସେସବୁର ନାମ ମଧ୍ୟ ଆବଶ୍ୟକ ଥିଲା। ନିରୁକ୍ତକାର ମହର୍ଷି ଯାସ୍କ କହନ୍ତି — **'ସଞ୍ଜ୍ଞାକରଣଂ ବ୍ୟବହାରାର୍ଥଂ ଲୋକେ'** (ନିରୁକ୍ତ. ଅଧ୍ୟାୟ ୧ ପାଦ ୧)— ସଂସାରରେ ବ୍ୟବହାର, ସମ୍ବୋଧନ ଆଦି କରିବା ପାଇଁ ନାମକରଣ କରାଯାଇଥାଏ, ନାମର ଆବଶ୍ୟକତା ଥାଏ ତଥା ଶବ୍ଦ ଦ୍ୱାରା ଏହା ସୁଗମ ହୋଇଥାଏ। ସଂସାରରେ ଆମେ ଦେଖୁ ଯେ ଯିଏ କୌଣସି ନବୀନ ବସ୍ତୁ ନିର୍ମାଣ କରେ ସେ ନିଶ୍ଚିତ ରୂପେ ତା'ର ନାମକରଣ ବି କରିଥାଏ। କାରଣ ତଦ୍ଦ୍ୱାରା ଲୋକେ ସେ ବସ୍ତୁ ସମ୍ବନ୍ଧୀୟ ପାରସ୍ପରିକ ବ୍ୟବହାର କରିପାରିଥାନ୍ତି। ଅତଃ ସୃଷ୍ଟିର ପ୍ରାରମ୍ଭରେ ସକଳ ଜଗତର ସ୍ରଷ୍ଟା ପରମେଶ୍ୱର ସଂସାରରେ ମନୁଷ୍ୟମାନଙ୍କର ବ୍ୟବହାରର ସୁଚାରୁ ସମ୍ପାଦନ ନିମନ୍ତେ ସଂସାରରେ ବିଦ୍ୟମାନ ପଦାର୍ଥଗୁଡ଼ିକର ନାମକୁ ଧାରଣ କରିଥିବା ଆଦିବାଣୀ ବେଦକୁ ପବିତ୍ରାତ୍ମା ଋଷିମାନଙ୍କ ଅନ୍ତଃକରଣରେ ସ୍ୱ ପ୍ରେରଣାରେ ପ୍ରଦାନ କଲେ — **'ବୃହସ୍ପତେ ପ୍ରଥମଂ ବାଚୋ ଅଗ୍ରଂ ୟତ୍ପ୍ରୈରତ ନାମଧେୟଂ ଦଧାନାଃ'** (ଋକ୍. ୧୦:୭୧:୧)। ନାମ ବେଦରେ ଅଛି ଏବଂ ସେସବୁ ନାମ ଦ୍ୱାରା ଅଭିବ୍ୟକ୍ତ ହେଉଥିବା ପଦାର୍ଥ ସୃଷ୍ଟିରେ ଅଛି। ଋଗ୍‌ବେଦ (୧୦:୮୨:୩)ରେ ଥିବା **'ଦେବାନାଂ ନାମଧାଃ'**ରୁ ସ୍ପଷ୍ଟ ଯେ ସ୍ୱୟଂ ପରମାତ୍ମା ବେଦରେ ସକଳ ପଦାର୍ଥର ନାମ ପ୍ରଦାନ କରିଛନ୍ତି। ମନୁସ୍ମୃତିରେ ମଧ୍ୟ ଏହି କଥାକୁ ସ୍ପଷ୍ଟ ରୂପେ କୁହାଯାଇଛି ଯେ ପରମାତ୍ମା ସୃଷ୍ଟି ଆରମ୍ଭରେ ବେଦ ମାଧ୍ୟମରେ ସବୁ ପଦାର୍ଥର ନାମ ଓ ଭିନ୍ନ-ଭିନ୍ନ କର୍ମର ବ୍ୟବସ୍ଥା କରିଛନ୍ତି, ବେଦ ମାଧ୍ୟମରେ ମନୁଷ୍ୟକୁ ଏସବୁ ଜ୍ଞାନ ଦେଇଛନ୍ତି — **"ସର୍ବେଷାଂ ତୁ ସ ନାମାନି କର୍ମାଣି ଚ ପୃଥକ୍ ପୃଥକ୍। ବେଦଶବ୍ଦେଭ୍ୟ ଏବାଦୌ ପୃଥକ୍ ସଂସ୍ଥାଶ୍ଚ ନିର୍ମମେ ॥"** (ମନୁ.୧:୨୧)।

ସଂସାରର ବିବିଧ ଜଡ଼ ପଦାର୍ଥ ଓ ପ୍ରାଣୀମାନଙ୍କ ନାମ ବେଦରୁ ଜଣାଗଲା ପରି ମାତା-ପିତା, ଭାଇ-ଭଉଣୀ, ପୁତ୍ର-କନ୍ୟା, ଶାଶୂ-ଶ୍ୱଶୁର, ଗୁରୁ-ଶିଷ୍ୟ, ରାଜା-ପ୍ରଜା ଆଦି ସମ୍ବନ୍ଧବାଚକ ସଞ୍ଜ୍ଞା (ନାମ) ମଧ୍ୟ ବେଦରୁ ପ୍ରାପ୍ତ ହେଲା। ଏହିପରି ସମାଜରେ ବ୍ୟବହାରକୁ ସୁବ୍ୟବସ୍ଥିତ କରିବା ପାଇଁ ମନୁଷ୍ୟମାନେ ସ୍ୱ-ସ୍ୱ ସନ୍ତାନଙ୍କ ନାମକରଣ କରିବା ଆରମ୍ଭ କଲେ। ଗୃହ୍ୟସୂତ୍ରରେ ତ ନାମକରଣକୁ ଏକ ମହତ୍ତ୍ୱପୂର୍ଣ୍ଣ ସଂସ୍କାର ବୋଲି କୁହାଯାଇଛି। ଅତଏବ ନାମ ଏକ ଅତ୍ୟାବଶ୍ୟକ ଓ ଅତ୍ୟୁପାଦେୟ ବିଷୟ ଯଦ୍ଦ୍ୱାରା ବ୍ୟାବହାରିକ ସୁବିଧା ମିଳିଥାଏ।

ଆମେ ଆଲୋଚନା କଲେ ଯେ ନାମ ବ୍ୟକ୍ତିର ପରିଚୟ ଦେଇଥାଏ ଓ ତଦ୍ଦ୍ୱାରା ଲୋକବ୍ୟବହାର ସୁଗମ ହୋଇଥାଏ। ଆମେ ସଂସାରରେ ଦେଖୁ ଯେ ଜଣେ ବ୍ୟକ୍ତି ବିବିଧ କାରଣରୁ ଅନେକ ନାମରେ ପରିଚିତ ହୋଇଥାଏ, ଅନେକ ନାମରେ ତା' ସହ ବ୍ୟବହାର ହୋଇଥାଏ। ଅର୍ଥାତ୍ ଗୁଣାନୁସାରେ, କର୍ମାନୁସାରେ, ସ୍ୱଭାବାନୁସାରେ, ସମ୍ବନ୍ଧାନୁସାରେ ତା'ର ନାମ ସଂସାରରେ ଥାଏ ତଥା ତା' ସାଙ୍ଗକୁ ତା'ର ନିଜ ନାମ ବି ଥାଏ। ଅତଃ ନାମକୁ ମୁଖ୍ୟତଃ ଆମେ ୪ ଭାଗରେ ବିଭକ୍ତ କରିପାରିବା —

**୧. ନିଜ ନାମ —** ଯେଉଁ ନାମ ମାତା-ପିତା ଆଦିଙ୍କ ଦ୍ୱାରା ଜନ୍ମ ପରେ ସନ୍ତାନକୁ ପ୍ରଦାନ କରାଯାଇଥାଏ ତଥା ବିଦ୍ୟାଳୟ-ମହାବିଦ୍ୟାଳୟ ଆଦିର ନଥିପତ୍ର ଆଦିରେ,

ଶାସନ ବ୍ୟବସ୍ଥାରେ ଯେଉଁ ନାମର ବ୍ୟବହାର ହେଉଥାଏ ତାହା ବ୍ୟକ୍ତିର ନିଜ ନାମ ହୋଇଥାଏ । ଯଥା — ଦେବଦତ୍ତ, ଯଜ୍ଞଦତ୍ତ, ଦେବବ୍ରତ, ସତ୍ୟବ୍ରତ, ଶାରଦା, ବରଦା, କମଳା, ବିମଳା ଇତ୍ୟାଦି ।

**୨. ସମ୍ବନ୍ଧଦ୍ୟୋତକ ନାମ —** ଅନ୍ୟ ସହ ସମ୍ବନ୍ଧକୁ ଯେଉଁ ନାମ ଦର୍ଶାଇଥାଏ; ଅନ୍ୟ ସହ ସମ୍ବନ୍ଧ କାରଣରୁ ବ୍ୟକ୍ତିର ଯେଉଁ ନାମ ହୋଇଥାଏ, ଯେଉଁ ନାମ ତା' ପାଇଁ ବ୍ୟବହୃତ ହୋଇଥାଏ ତାହା ତା'ର ସମ୍ବନ୍ଧଦ୍ୟୋତକ ନାମ । ଯେମିତିକି ସନ୍ତାନ ତା' ଜନ୍ମଦାତାଙ୍କୁ 'ବାପା', ଜନ୍ମଦାତ୍ରୀଙ୍କୁ 'ମାଆ' ବୋଲି ଡାକିଥାଏ । ଏହା ସମ୍ବନ୍ଧଦ୍ୟୋତକ ନାମ । ସେହିପରି ଆମେମାନେ ଯେଉଁ ଜେଜେବାପା, ଜେଜେମା, ଅଜା, ଆଈ, ଦାଦା, ଖୁଡ଼ୀ, ମାମୁଁ, ମାଈଁ, ମଉସା, ମାଉସୀ ଆଦି ନାମରେ ବ୍ୟକ୍ତିମାନଙ୍କୁ ସମ୍ବୋଧନ କରୁ ସେସବୁ ଆମ ସହ ସେଭଳି ସମ୍ବନ୍ଧ କାରଣରୁ ସେମାନଙ୍କ ସମ୍ବନ୍ଧଦ୍ୟୋତକ ନାମ, କାରଣ ନାମ ସମ୍ବୋଧନ ଆଦି ପାଇଁ ହୋଇଥାଏ ଓ ଆମେ ସେହି ଶବ୍ଦରେ ସେମାନଙ୍କୁ ସମ୍ବୋଧନ କରୁଛୁ । ବ୍ୟକ୍ତି ନିଜ ସହ ସମ୍ବନ୍ଧକୁ ନେଇ ନିଜେ ତ ସମ୍ବନ୍ଧଦ୍ୟୋତକ ନାମରେ ସମ୍ବୋଧନ କରିଥାଏ, ତା' ସାଙ୍ଗକୁ ଅନ୍ୟମାନେ ମଧ୍ୟ ଜଣକ ସହ ଏଭଳି ସମ୍ବନ୍ଧକୁ ନେଇ ଅନ୍ୟ ଜଣେ ବ୍ୟକ୍ତିକୁ ଜାଣିପାରିଥାନ୍ତି ତଥା ବ୍ୟବହାର କରିଥାନ୍ତି । ଯେମିତିକି ସାହି, ବସ୍ତି, କଲୋନୀରେ ରହୁଥିବା ଅନେକ ଅଭିଭାବକ ସାଧାରଣତଃ ସେଠାକାର ଅନେକ ପିଲାଙ୍କ ନାମ ତ ଜାଣିଥାନ୍ତି; କିନ୍ତୁ ସେମାନଙ୍କ ମାଆ-ବାପା ଆଦିଙ୍କ ନାମ ଜାଣିନଥାନ୍ତି । ତେଣୁ ସେହି ପିଲା ସହ ସମ୍ବନ୍ଧ ଆଧାରରେ ତା'ର ମାଆ-ବାପା ଆଦିଙ୍କୁ ନାମିତ କରି ବ୍ୟବହାର କରିଥାନ୍ତି; ଯଥା — ରାମର ମା', ସୀତାବୋଉ, ରବିନନା, ହରିବାପା, ମାଧିଆଜେଜେ ଇତ୍ୟାଦି । ସେହିପରି କୌଣସି ପରିବାରର ଜଣେ ସଦସ୍ୟଙ୍କ ନାମ ଜାଣିଥିଲେ ଓ ଅନ୍ୟମାନଙ୍କ ନାମ ଜାଣିନଥିଲେ କି ମନେ ନଥିଲେ ଜାଣିଥିବା ଲୋକର ନାମ ସହ ଆବଶ୍ୟକ ଥିବା ବ୍ୟକ୍ତିର ସମ୍ବନ୍ଧ ଯୋଡ଼ି ଉଦ୍ଦିଷ୍ଟ ବ୍ୟକ୍ତିକୁ ପରିପ୍ରକାଶ କରାଯାଇଥାଏ । ଯଥା — ମଧୁର ବଡ଼ ଭାଇ, ସାନ ଭାଇ, ବଡ଼ ଭଉଣୀ, ସାନ ଭଉଣୀ; ଅମୁକଙ୍କ ପତି, ସମୁକଙ୍କ ପତ୍ନୀ ଇତ୍ୟାଦି । ଏସବୁ ସମ୍ବନ୍ଧଦ୍ୟୋତକ ନାମ ।

**୩. କର୍ମଦ୍ୟୋତକ ନାମ —** କୌଣସି କର୍ମ, ବୃତ୍ତି ଆଧାରରେ ବ୍ୟକ୍ତିର ଯେଉଁ ନାମ ହୋଇଯାଇଥାଏ, ଯେଉଁ ନାମ ବ୍ୟବହୃତ ହୋଇଥାଏ ତାହା ତା'ର କର୍ମଦ୍ୟୋତକ ନାମ । ମନେକର ଜଣେ ବ୍ୟକ୍ତି ଜିଲ୍ଲାପାଳ ରୂପେ କାର୍ଯ୍ୟ କରୁଛନ୍ତି । ସେହି ଜିଲ୍ଲାର ଅଳ୍ପ କେତେକ ଲୋକ ହିଁ ସେ ଜିଲ୍ଲାପାଳଙ୍କ 'ନିଜ ନାମ' ଜାଣିଥାନ୍ତି । ବାକି ଲୋକ ତାଙ୍କୁ 'ଜିଲ୍ଲାପାଳ' କହି ହିଁ ବ୍ୟବହାର କରିଥାନ୍ତି; ଯଥା — ଜିଲ୍ଲାପାଳ ଏମିତିଆ କି ସେମିତିଆ; ଜିଲ୍ଲାପାଳ ଅଛନ୍ତି, ନାହାନ୍ତି, ଆସିବେ, ଯିବେ; ଜିଲ୍ଲାପାଳ ଏଇଆ କହିଲେ, ସେଇଆ କହିଲେ, ଏଇଆ କଲେ, ସେଇଆ କଲେ ଇତ୍ୟାଦି । ସେହିଭଳି ବିଭିନ୍ନ ପଦପଦବୀରେ କାର୍ଯ୍ୟ କରୁଥିବା ଲୋକଙ୍କ 'ନିଜ ନାମ'କୁ ନେଇ ସର୍ବସାଧାରଣ ଯେତିକି ବ୍ୟବହାର କରିନଥାନ୍ତି ସେମାନଙ୍କ କର୍ମ-ଆଧାରିତ ନାମ(ପଦପଦବୀ)କୁ ନେଇ ବହୁତ ବ୍ୟବହାର କରିଥାନ୍ତି । ଯଥା — ଏସ୍.ପି, ସବ୍‌କଲେକ୍ଟର, ବି.ଡି.ଓ, ତହସିଲଦାର ଅମୁକ କଥା କହିଛନ୍ତି, ଅମୁକ କାମ କରିଛନ୍ତି ଇତ୍ୟାଦି । ତା' ଛଡ଼ା ସରକାରୀ ଅର୍ଥ ମଧ୍ୟ ସେସବୁ ବ୍ୟକ୍ତିଙ୍କ ବ୍ୟକ୍ତିଗତ ନାମରେ ନ ଥାଏ, ବରଂ ସେମାନଙ୍କ ପଦପଦବୀ ନାମରେ ଥାଏ । କାର୍ଯ୍ୟାଳୟ ସମ୍ବନ୍ଧିତ ଚିଠିପତ୍ର ବି ସେମାନଙ୍କ ନିକଟକୁ ସେମାନଙ୍କ ବ୍ୟକ୍ତିଗତ(ନିଜ) ନାମରେ ନ ଆସି ସେମାନଙ୍କ ପଦପଦବୀ ନାମରେ ଆସିଥାଏ । ଅତଃ ଜିଲ୍ଲାପାଳ, ଏସ୍.ପି, ଏ.ଡି.ଏମ୍, ସବ୍‌କଲେକ୍ଟର, ବି.ଡି.ଓ, ତହସିଲଦାର ଆଦି ସେମାନଙ୍କ କର୍ମଦ୍ୟୋତକ ନାମ ।

ଆମେ ଦେଖୁ ଯେ ଶିକ୍ଷକ ପଢ଼ାଉଥିବା ବିଷୟ ଆଧାରରେ ବି ଛାତ୍ର ମହଲରେ ତାଙ୍କ ନାମ ପ୍ରଚଳିତ ହୋଇଯାଇଥାଏ; ଯଥା — ଗଣିତ ସାର୍, ସାହିତ୍ୟ ଦିଦି, ଇଂରାଜୀ ଗୁରୁଜୀ, ଇତିହାସ ଗୁରୁମା, ଖେଳଶିକ୍ଷକ ଇତ୍ୟାଦି । ଆମେ କୌଣସି ଚିକିତ୍ସାଳୟକୁ ଗଲେ ପ୍ରାୟତଃ କୌଣସି ଡାକ୍ତରଙ୍କ ନାମ ଜାଣିନଥାଉ । ତେଣୁ ଆମକୁ ଯେଉଁ ବିଭାଗର ଡାକ୍ତର ଆବଶ୍ୟକ ସେ କଥା ଚିକିତ୍ସାଳୟର କୌଣସି କର୍ମଚାରୀଙ୍କୁ ପଚାରିଥାଉ — 'ଦାନ୍ତ ଡାକ୍ତର, ହାଡ଼ଡାକ୍ତର, ଆଖି ଡାକ୍ତର, ମେଡିସିନ୍ ସ୍ପେଶିଆଲିଷ୍ଟ, ଗାଇନିକ୍ ସ୍ପେଶିଆଲିଷ୍ଟ ଆଦି କେଉଁଠି ବସନ୍ତି ?' ପ୍ରତ୍ୟେକ ଡାକ୍ତରଙ୍କ ନିଜ ନାମ ତ ଅଲଗା ଥାଏ; କିନ୍ତୁ ସେସବୁ ବିଭାଗର

ଚିକିତ୍ସକ ହୋଇଥିବାରୁ ସେମାନଙ୍କ ନାମ, ପରିଚୟ ସେପରି ହୋଇଯାଇଥାଏ। ଏସବୁ ସେମାନଙ୍କ କର୍ମଦ୍ୟୋତକ ନାମ।

**୪. ଗୁଣବାଚକ ନାମ —** ବ୍ୟକ୍ତି ଭିତରେ ଥିବା କୌଣସି ଗୁଣ ଆଧାରରେ ସମାଜରେ ତାଙ୍କର ଯେଉଁ ନାମ, ପରିଚୟ ହୋଇଥାଏ ତାହା ଗୁଣବାଚକ ନାମ। ତୁରନ୍ତ କବିତା ଲେଖିପାରୁଥିବା ଗୁଣ ଯୋଗୁଁ ଆମେ କହୁ 'ଆଶୁକବି'। କବିତ୍ୱର ବୈଶିଷ୍ଟ୍ୟ କାରଣରୁ କବିସମ୍ରାଟ, ବ୍ୟାସକବି, ଗଣକବି, କବିସୂର୍ଯ୍ୟ, କବିଚନ୍ଦ୍ର, ସ୍ୱଭାବକବି, ପଲ୍ଲୀକବି ଆଦି ତତ୍-ତତ୍ ବ୍ୟକ୍ତିଙ୍କ ଗୁଣବାଚକ ନାମ। ଲେଖିବା, ଗାଇବା ଆଦି ଗୁଣ କାରଣରୁ ଲେଖକ, ଗାୟକ ଆଦି ମଧ୍ୟ ଗୁଣବାଚକ ନାମ। ସାଧନା-ତପସ୍ୟା ପ୍ରବୃତ୍ତିରୁ ସାଧୁ ଓ ତପସ୍ୱୀ ନାମ।

ଆମେ ବର୍ତ୍ତମାନ କିଛି ପ୍ରସିଦ୍ଧ ମହାପୁରୁଷଙ୍କ ନାମ ବିଷୟରେ ଆଲୋଚନା କରି ଦେଖିବା ଯେ ଏମାନଙ୍କ ଜୀବନରେ ଏସବୁ ନାମର କିପରି ସମାବେଶ ହୋଇଛି —

୧. ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଅନେକ ନାମ ପଢ଼ିବାକୁ-ଶୁଣିବାକୁ ମିଳେ; ଯଥା — ରାମ, ଦାଶରଥି, କୌଶଲ୍ୟାନନ୍ଦନ, ସୀତାପତି, ଜାନକୀବଲ୍ଲଭ, ରଘୁନାଥ, ରାଘବ, ଅଯୋଧ୍ୟାପତି, ଅବଧୀଶ, ରାବଣାରି, ରଘୁକୁଳତିଳକ ଇତ୍ୟାଦି।

୨. ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଅନେକ ନାମ; ଯଥା — କୃଷ୍ଣ, ବାସୁଦେବ, ଦେବକୀନନ୍ଦନ, ନନ୍ଦନନ୍ଦନ, ଯଶୋଦାସୁତ, ପାର୍ଥସାରଥି, ଦ୍ୱାରକାଧିପତି, ଚକ୍ରଧର, ବଂଶୀଧାରୀ, ବୃନ୍ଦାବନବିହାରୀ, କଂସାରି ଇତ୍ୟାଦି।

ଏସବୁ ନାମ ମଧ୍ୟରୁ ରାମ ଓ କୃଷ୍ଣଙ୍କର ଗୁଣ, କର୍ମ, ସ୍ୱଭାବ, ସମ୍ବନ୍ଧ ଆଦି ଆଧାରରେ ଅନ୍ୟ ନାମଗୁଡ଼ିକ ଥିବା ବେଳେ ସେମାନଙ୍କର ନିଜ ନାମ ହେଲା — ରାମ ଓ କୃଷ୍ଣ। ଅତଃ ଗୁଣ, କର୍ମ, ସ୍ୱଭାବ, ସମ୍ବନ୍ଧ ଆଦି ଆଧାରରେ ଯଦ୍ୟପି ବ୍ୟକ୍ତିର ବହୁ ନାମ ଥାଏ, ତଥାପି ମୁଖ୍ୟ ନିଜନାମ ଏକ ହିଁ ଥାଏ। ପରମପିତା ପରମାତ୍ମାଙ୍କ ଗୁଣ, କର୍ମ, ସ୍ୱଭାବ ଅନନ୍ତ। ତେଣୁ ଗୁଣ-କର୍ମ-ସ୍ୱଭାବ-ସମ୍ବନ୍ଧ ଆଧାରରେ ତାଙ୍କର ମଧ୍ୟ ଅସଂଖ୍ୟ ନାମ ରହିଛି। ମହର୍ଷି ଦୟାନନ୍ଦ ସରସ୍ୱତୀ ସତ୍ୟାର୍ଥପ୍ରକାଶର ପ୍ରଥମ ସମୁଲ୍ଲାସରେ ଈଶ୍ୱରଙ୍କର ପ୍ରାୟ ୧୦୦ ନାମର ସୁନ୍ଦର ବ୍ୟାଖ୍ୟା କରି ବୁଝାଇଛନ୍ତି କି କେଉଁ ଆଧାରରେ ସେହି ନାମ ହୋଇଛି।

ଈଶ୍ୱରଙ୍କ **ସମ୍ବନ୍ଧଦ୍ୟୋତକ ନାମ** ହେଲା — ମାତା, ପିତା, ବନ୍ଧୁ, ସଖା, ଜନକ, ଜନିତା, ପତି, ମିତ୍ର ଇତ୍ୟାଦି। ସମସ୍ତ ପ୍ରାଣୀଙ୍କୁ ଜନ୍ମ ଦେଇଥିବାରୁ ସେ ଜନକ, ଜନିତା, ସମସ୍ତଙ୍କୁ ସହାୟକ ହୋଇଥିବାରୁ ବନ୍ଧୁ, ସମସ୍ତଙ୍କୁ ସ୍ନେହ କରୁଥିବାରୁ ମିତ୍ର ନାମରେ ପରିଚିତ। ତେଣୁ ତାଙ୍କୁ ଜଗଦୀଶ, ଜଗଦମ୍ବା, ଜଗବନ୍ଧୁ ଆଦି କୁହାଯାଏ।

ଈଶ୍ୱରଙ୍କ **କର୍ମଦ୍ୟୋତକ ନାମ** ମଧ୍ୟ ବହୁତ ଅଛି। ସମଗ୍ର ବିଶ୍ୱର ନିର୍ମାଣ କରିଥିବାରୁ ତାଙ୍କ ନାମ **'ବିଶ୍ୱକର୍ମା'**; ସତ୍ୟ-ନ୍ୟାୟ ଆଚରଣକାରୀ ମନୁଷ୍ୟମାନଙ୍କୁ ମାନ-ସମ୍ମାନ ପ୍ରଦାନ କରୁଥିବାରୁ ଏବଂ ପାପ-ପୁଣ୍ୟ କର୍ତ୍ତାଙ୍କୁ ନିୟମପୂର୍ବକ ଯଥାଯଥ ଭାବେ ପାପ ଓ ପୁଣ୍ୟର ଫଳ ପ୍ରଦାନ କରୁଥିବାରୁ ତାଙ୍କ ନାମ **'ଅର୍ଯ୍ୟମା'**; ଅନ୍ୟାୟକାରୀ, ପାପାଚରଣକାରୀଙ୍କୁ ରୋଦନ କରାଉଥିବାରୁ ତାଙ୍କ ନାମ **'ରୁଦ୍ର'**; ସମସ୍ତ ପ୍ରାଣୀଙ୍କୁ ନ୍ୟାୟପୂର୍ବକ ଅର୍ଥାତ୍ ସେମାନଙ୍କ କର୍ମାନୁସାରେ ଫଳ ଦେଉଥିବାରୁ ତାଙ୍କ ନାମ **'ଯମ'**; କଲ୍ୟାଣକାରୀ ବା ସୁଖଦାତା ହୋଇଥିବାରୁ ଈଶ୍ୱରଙ୍କ ନାମ **'ଶଙ୍କର'**।

ପରମାତ୍ମାଙ୍କ **ଗୁଣବାଚକ ନାମ** ମଧ୍ୟ ବହୁତ ରହିଛି। କଲ୍ୟାଣସ୍ୱରୂପ ହୋଇଥିବା ହେତୁ ତାଙ୍କ ନାମ **'ଶିବ'**, ସକଳ ଐଶ୍ୱର୍ଯ୍ୟ ସମ୍ପନ୍ନ ଓ ଭଜନଯୋଗ୍ୟ ହୋଇଥିବାରୁ ତାଙ୍କ ନାମ **'ଭଗବାନ'**, ବିବିଧ ଜ୍ଞାନ-ବିଜ୍ଞାନ ତାଙ୍କ ଭିତରେ ଥିବାରୁ ତାଙ୍କ ନାମ **'ସରସ୍ୱତୀ'**, ସକଳ ଜଗତକୁ ନିର୍ମାଣ କରିବାକୁ ସମର୍ଥ ହୋଇଥିବା ଯୋଗୁଁ ତାଙ୍କ ନାମ **'ଶକ୍ତି'**, ଚରାଚର ଜଗତରେ ବ୍ୟାପକ ହୋଇଥିବାରୁ ତାଙ୍କ ନାମ **'ବିଷ୍ଣୁ'**, ସକଳ ଐଶ୍ୱର୍ଯ୍ୟବାନ୍ ହୋଇଥିବାରୁ ତାଙ୍କ ନାମ **'ଇନ୍ଦ୍ର'** ଇତ୍ୟାଦି।

ଯଜୁର୍ବେଦ (୩୨:୧)ରେ କୁହାଯାଇଛି —

**ତଦେବାଗ୍ନିସ୍ତଦାଦିତ୍ୟସ୍ତଦ୍ୱାୟୁସ୍ତଦୁ ଚନ୍ଦ୍ରମାଃ।**
**ତଦେବ ଶୁକ୍ରଂ ତଦ୍ ବ୍ରହ୍ମ ତାଂ ଆପଃ ସ ପ୍ରଜାପତିଃ ॥**

(ଯଜୁଃ. ୩୨:୧)

ସେହି ପରମାତ୍ମା ଜ୍ଞାନସ୍ୱରୂପ ଓ ସ୍ୱୟଂପ୍ରକାଶିତ ହୋଇଥିବାରୁ **'ଅଗ୍ନି'**, ଅବିନାଶୀ ଓ ପ୍ରଳୟ ସମୟରେ

ସମସ୍ତଙ୍କୁ ଗ୍ରହଣ କରୁଥିବାରୁ **'ଆଦିତ୍ୟ'**, ଚରାଚର ଜଗତକୁ ଧାରଣ, ପାଳନ ଓ ପ୍ରଳୟ କରୁଥିବାରୁ ତଥା ଅନନ୍ତ ବଳବାନ୍ ହୋଇଥିବାରୁ **'ବାୟୁ'**, ଆନନ୍ଦସ୍ୱରୂପ ଓ ଆନନ୍ଦଦାୟକ ହୋଇଥିବା ହେତୁ **'ଚନ୍ଦ୍ରମା'**, ଶୀଘ୍ରକାରୀ ଓ ଶୁଦ୍ଧସ୍ୱରୂପ ହୋଇଥିବା ଯୋଗୁଁ **'ଶୁକ୍ର'**, ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ହୋଇଥିବା କାରଣରୁ **'ବ୍ରହ୍ମ'**, ସର୍ବବ୍ୟାପକ ହୋଇଥିବା ଯୋଗୁଁ **'ଆପ୍'**, ସକଳ ଜୀବରୂପୀ ପ୍ରଜାଙ୍କ ସ୍ୱାମୀ, ପାଳକ ହୋଇଥିବା ହେତୁ **'ପ୍ରଜାପତି'** ନାମରେ ନାମିତ।

ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ସମ୍ବନ୍ଧୀୟ ଅସଂଖ୍ୟ ନାମ ଥିବା ବେଳେ ତାଙ୍କ ନିଜ ନାମ ମଧ୍ୟ ରହିଛି। ବେଦରେ ପରମେଶ୍ୱର ଯେଉଁଭଳି ଅନ୍ୟ ପଦାର୍ଥଗୁଡ଼ିକର ନାମ ବିଷୟରେ ସୂଚନା ପ୍ରଦାନ କରିଛନ୍ତି, ସେହିଭଳି ତାଙ୍କ ନିଜ ନାମ କ'ଣ ତାହା ମଧ୍ୟ ଜଣାଇଛନ୍ତି —

**ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍।**
**ୟୋଽସାବାଦିତ୍ୟେ ପୁରୁଷଃ ସୋଽସାବହମ୍।**
**ଓ୩ମ୍ ଖଂ ବ୍ରହ୍ମ ॥** (ଯଜୁଃ. ୪୦:୧୭)

ମୋର ଜ୍ଞାନଜ୍ୟୋତିରେ ଅବିନାଶୀ କାରଣରୂପ ଅପ୍ରକଟ ପ୍ରକୃତିକୁ ବିବିଧ ପଦାର୍ଥ ରୂପେ ପ୍ରକାଶିତ କରିଛି। ମୁଁ ସୂର୍ଯ୍ୟାଦି ସକଳ ଲୋକ-ଲୋକାନ୍ତରରେ, ଅତ୍ର-ତତ୍ର-ସର୍ବତ୍ର ପରିପୂର୍ଣ୍ଣ ହୋଇ ରହିଛି। ମୁଁ ସର୍ବରକ୍ଷକ। ମୋର ନାମ **'ଓ୩ମ୍'**। ମୁଁ **'ଖମ୍'** ଅର୍ଥାତ୍ ଆକାଶ ଭଳି ବ୍ୟାପକ। ମୁଁ **'ବ୍ରହ୍ମ'** ଅର୍ଥାତ୍ ଗୁଣ-କର୍ମ-ସ୍ୱରୂପରେ ସମସ୍ତଙ୍କ ଠାରୁ ବଡ଼, ସର୍ବବୃହତ୍।

ଉପନିଷଦରେ ମଧ୍ୟ ଈଶ୍ୱରଙ୍କ ମୁଖ୍ୟ ନାମ **'ଓ୩ମ୍'** ବୋଲି କୁହାଯାଇଛି। କଠୋପନିଷଦରେ ଆଚାର୍ଯ୍ୟ ଯମ ଶିଷ୍ୟ ନଚିକେତାଙ୍କୁ ବୁଝାଉଛନ୍ତି —

**ସର୍ବେ ବେଦା ୟତ୍ପଦମାମନନ୍ତି ତପାଂସି ସର୍ବାଣି ଚ ୟଦ୍‌ବଦନ୍ତି।**
**ୟଦିଚ୍ଛନ୍ତୋ ବହ୍ମଚର୍ୟ୍ୟଂ ଚରନ୍ତି ତତ୍ତେ ପଦଂ ସଂଗ୍ରହେଣ ବ୍ରବୀମି, ଓମିତ୍ୟେତତ୍ ॥**

(କଠ. ୨:୧୫)

ସକଳ ବେଦ ଯେଉଁ ପଦକୁ, ଅଭୀଷ୍ଟ-ପ୍ରାପଣୀୟଙ୍କୁ, ବାରମ୍ବାର ବର୍ଣ୍ଣନା କରନ୍ତି; ସମସ୍ତ ତପ ଯାହାଙ୍କ ମହିମା ଗାନରେ ମୁଖରିତ; ଯାହାଙ୍କ କାମନାରେ ସାଧକମାନେ ବ୍ରହ୍ମଚର୍ଯ୍ୟ ବ୍ରତର ଅନୁଷ୍ଠାନ କରନ୍ତି; ହେ ଶିଷ୍ୟ! ସେହି ପରମପଦକୁ ତୁମ ପାଇଁ ସଂକ୍ଷେପରେ ଉପଦେଶ ଦେଉଛି, ବୁଝାଉଛି। ତାହା ହେଉଛି **'ଓ୩ମ୍'**। ଅର୍ଥାତ୍ ସମଗ୍ର ବେଦରେ ଯେଉଁ ଈଶ୍ୱରଙ୍କ ବିଷୟରେ ବାରମ୍ବାର ବର୍ଣ୍ଣନା କରାଯାଇଛି, ଯିଏ ସମସ୍ତ ତପସ୍ୟାର ଲକ୍ଷ୍ୟ, ଯାହାଙ୍କୁ ପାଇବା କାମନାରେ ସାଧକମାନେ କୃଚ୍ଛ୍ର ବ୍ରହ୍ମଚର୍ଯ୍ୟ ବ୍ରତର ଅନୁଷ୍ଠାନ କରନ୍ତି, ସେହି ଈଶ୍ୱରଙ୍କ ନାମ ସାରଭୂତ ରୂପେ ହେଲା 'ଓ୩ମ୍'।

ସମ୍ପୂର୍ଣ୍ଣ ମାଣ୍ଡୂକ୍ୟୋପନିଷଦ କେବଳ 'ଓମ୍‌କାର'ର ହିଁ ବର୍ଣ୍ଣନା କରେ। ଏଥିରେ କୁହାଯାଇଛି—

**ଓମିତ୍ୟେତଦକ୍ଷରମିଦଂ ସର୍ବଂ ତସ୍ୟୋପବ୍ୟାଖ୍ୟାନଂ ଭୂତଂ ଭବଦ୍ ଭବିଷ୍ୟଦତି ସର୍ବମୋଙ୍କାର ଏବ। ୟଚ୍ଚାନ୍ୟତ୍ ତ୍ରିକାଲାତୀତଂ ତଦପ୍ୟୋଂକାର ଏବ ॥**

(ମାଣ୍ଡୂକ୍ୟ. ୧)

**'ଓ୩ମ୍'** ଏକ ଛୋଟ ଅକ୍ଷର; କିନ୍ତୁ ନିଖିଳ ସଂସାର ଏହି ଏକ ଅକ୍ଷରର ହିଁ ବ୍ୟାଖ୍ୟା। ଭୂତ-ବର୍ତ୍ତମାନ-ଭବିଷ୍ୟତ - ସବୁ **'ଓମ୍‌କାର'**ର ହିଁ ବିସ୍ତାର। ଯାହା ଭୂତ, ବର୍ତ୍ତମାନ ଓ ଭବିଷ୍ୟତ- ଏ ତିନି କାଳର ସୀମାର ଅନ୍ତର୍ଗତ ନୁହେଁ, ଯାହା ତ୍ରିକାଳାତୀତ, ତାହା ମଧ୍ୟ **'ଓମ୍‌କାର'**ର ହିଁ ପ୍ରସାର। ଅର୍ଥାତ୍ **'ଓ୩ମ୍'** ପଦବାଚ୍ୟ ବ୍ରହ୍ମ ଅକ୍ଷର, ଅବିନାଶୀ ଅଟନ୍ତି। ଏ ସକଳ ଜଗତ ସେହି ଅକ୍ଷରବ୍ରହ୍ମଙ୍କର ହିଁ ବ୍ୟାଖ୍ୟା କରେ ଅର୍ଥାତ୍ ତାଙ୍କ ଗୁଣ-କର୍ମ-ସ୍ୱଭାବକୁ ପ୍ରକଟ କରାଏ। ଭୂତ-ବର୍ତ୍ତମାନ- ଭବିଷ୍ୟତରେ ଅସ୍ତିତ୍ୱବାନ ସବୁ କିଛି 'ଓମ୍‌କାର' ବ୍ରହ୍ମରେ ହିଁ ସ୍ଥିତ ଅଟେ। ଆଉ ଯେଉଁ ଅନ୍ୟ ପଦାର୍ଥ (ଏହି ବ୍ରହ୍ମ ଓ ଦୃଶ୍ୟମାନ ଜଗତଠାରୁ ଭିନ୍ନ ପଦାର୍ଥ) ଅଛି, ଯାହାକି ତିନି କାଳର ସୀମାରୁ ବହିର୍ଭୂତ (ଜୀବାତ୍ମା ଓ ପ୍ରକୃତି) ତାହା ମଧ୍ୟ 'ଓ୩ମ୍' ପଦବାଚ୍ୟ ବ୍ରହ୍ମରେ ହିଁ ସ୍ଥିତ, ଅକ୍ଷର ବ୍ରହ୍ମ ସେ ସବୁରେ ଓତଃପ୍ରୋତ।

ତୈତ୍ତିରୀୟ ଉପନିଷଦର ଶିକ୍ଷାଧ୍ୟାୟରେ 'ଓ୩ମ୍'କୁ ବ୍ରହ୍ମଙ୍କ ବାଚକ ବୋଲି କୁହାଯାଇ 'ଓ୩ମ୍' ଉପରେ ବିସ୍ତୃତ ଆଲୋକପାତ କରାଯାଇଛି —

**ଓମିତି ବ୍ରହ୍ମ । ଓମିତୀଦଂ ସର୍ବମ୍ । ଓମିତ୍ୟେତଦନୁକୃତି ହ ସ୍ମ ବା ଅପ୍ୟୋଂ ଶ୍ରାବୟେତ୍ୟାଶ୍ରାବୟନ୍ତି । ଓମିତି ସାମାନି ଗାୟନ୍ତି । ଓମ୍ ଶୋମିତି ଶସ୍ତ୍ରାଣି ଶଂସନ୍ତି । ଓମିତ୍ୟଧ୍ୱର୍ଯ୍ୟୁଃ ପ୍ରତିଗରଂ ପ୍ରତିଗୃଣାତି । ଓମିତି ବ୍ରହ୍ମା ପ୍ରସୌତି । ଓମିତ୍ୟଗ୍ନିହୋତ୍ରମନୁଜାନାତି । ଓମିତି ବ୍ରାହ୍ମଣଃ ପ୍ରବକ୍ଷ୍ୟନ୍ନାହ ବ୍ରହ୍ମାପାପ୍ନବାନୀତି । ବ୍ରହ୍ମୈବୋପାପ୍ନୋତି ॥**

(ତୈତ୍ତିରୀୟ. ଶିକ୍ଷା. ୮:୧)

**'ଓମ୍'** ହିଁ ବ୍ରହ୍ମ ଅର୍ଥାତ୍ **'ଓମ୍'** ବ୍ରହ୍ମଙ୍କର ନାମ । **'ଓମ୍'** ହିଁ ଏ ସବୁ କିଛି ଅର୍ଥାତ୍ **'ଓମ୍'** ବାଚ୍ୟ ପରମାତ୍ମା ହିଁ ଏ ସକଳ ବିଶ୍ୱରେ ପରିବ୍ୟାପ୍ତ, ଜଗତର ସାର ବସ୍ତୁ । ଏ ସଂସାର **'ଓମ୍'**ର ହିଁ ଅନୁକୃତି, ଅନୁକରଣ, ଗୁଣ-କର୍ମର ଅଭିବ୍ୟକ୍ତ କାରକ ଏକଥା ପ୍ରସିଦ୍ଧ । ଗୁରୁ ଶିଷ୍ୟକୁ ଅଧୀତ ପାଠଶୁଣାଇବାକୁ କହିଲେ ଶିଷ୍ୟ **'ଓମ୍'** କହି ପାଠ ଶୁଣାଇଥାଏ । ସାମବେଦୀ **'ଓମ୍'**ର ଗାନ କରିଥାନ୍ତି, **'ଓମ୍'** କହି ସାମଗାନ କରିଥାନ୍ତି । **'ଓମ୍'** କହି ଆରମ୍ଭ କରି ଓ ଶମୋମ୍ (ଶମ୍+ଓମ୍)ରେ ସମାପ୍ତି କରି ସ୍ତୁତି-ପ୍ରଶଂସା ପରକ ମନ୍ତ୍ରର ପାଠ କରାଯାଇଥାଏ । ଅଧ୍ୱର୍ଯ୍ୟୁ **'ଓମ୍'** କହି ଯଜୁର୍ବେଦର ପାଠ କରିଥାନ୍ତି । ବ୍ରହ୍ମା (ଋତ୍ୱିକ୍) **'ଓମ୍'** ଉଚ୍ଚାରଣ କରି ପରମାତ୍ମାଙ୍କ ସ୍ତୁତି କରିଥାନ୍ତି ତଥା **'ଓମ୍'** କହି ଅଗ୍ନିହୋତ୍ର ପ୍ରାରମ୍ଭ କରିବାର ଆଜ୍ଞା ଦେଇଥାନ୍ତି । ବ୍ରହ୍ମବିଦ୍ ବ୍ୟକ୍ତି **'ଓମ୍'** କହି ପ୍ରବଚନ କରନ୍ତି, **'ଓମ୍'** ଶବ୍ଦ ଦ୍ୱାରା ପ୍ରାର୍ଥନା କରନ୍ତି ଓ କହନ୍ତି କି ମୁଁ ଏହା ଦ୍ୱାରା ବ୍ରହ୍ମଙ୍କୁ ପ୍ରାପ୍ତ କରେ । ଏହିଭଳି ଭାବେ ସେ ଅବଶ୍ୟ ବ୍ରହ୍ମଙ୍କୁ ପ୍ରାପ୍ତ କରିନିଅନ୍ତି ।

ଯୋଗଦର୍ଶନରେ 'ଓମ୍'କୁ ପ୍ରଣବ ବୋଲି କୁହାଯାଇଛି ଓ ଏହା ପରମାତ୍ମାଙ୍କର ବାଚକ ବୋଲି କୁହାଯାଇଛି— **'ତସ୍ୟ ବାଚକଃ ପ୍ରଣବଃ'** (ଯୋଗ. ୧:୨୭) । 'ଓମ୍'କୁ ପ୍ରଣବ ବୋଲି କାହିଁକି କୁହାଯାଇଛି ? **'ଣୁ ସ୍ତୁତୌ'** ଧାତୁରୁ **'ପ୍ରଣବ'** ଶବ୍ଦ ଗଠିତ ହୋଇଛି । **'ପ୍ରକର୍ଷେଣ ନୂୟତେ ଈଶ୍ୱରୋ ୟେନ ସ ପ୍ରଣବଃ'** — ଯାହା ଦ୍ୱାରା ଈଶ୍ୱରଙ୍କ ସ୍ତୁତି, ଗୁଣକୀର୍ତ୍ତନ ପ୍ରକୃଷ୍ଟ ଭାବେ କରାଯାଏ ତାହା ପ୍ରଣବ । 'ଓମ୍' ଶବ୍ଦ ମାଧ୍ୟମରେ ପରମାତ୍ମାଙ୍କ ସବୁଠାରୁ ଉତ୍କୃଷ୍ଟ ରୂପେ ସ୍ତୁତି, ଗୁଣକୀର୍ତ୍ତନ କରାଯାଇଥାଏ । ଏଣୁ 'ଓମ୍'କୁ ପ୍ରଣବ ବୋଲି କୁହାଯାଇଛି ।

ଛାନ୍ଦୋଗ୍ୟ ଉପନିଷଦରେ 'ଓମ୍'କୁ ଉଦ୍‌ଗୀଥ ବୋଲି କୁହାଯାଇଛି —

**ଓମିତ୍ୟେତଦକ୍ଷରମୁଦ୍‌ଗୀଥମୁପାସୀତ, ଓମିତି ହ୍ୟୁଦ୍‌ଗାୟତି ।** (ଛାନ୍ଦୋଗ୍ୟ. ୧:୧:୧)

'ଓମ୍' – ଏ ଅକ୍ଷର ଉଦ୍‌ଗୀଥ ଅଟେ । ଏହାକୁ 'ଉତ୍' ଅର୍ଥାତ୍ ଉଚ୍ଚ ସ୍ୱରରେ ଗାନ କରାଯାଉଥିବାରୁ ଏହାକୁ 'ଉଦ୍‌ଗୀଥ' କୁହାଯାଏ । ଏହାକୁ ଉଚ୍ଚ ସ୍ୱରରେ ଗାନ ଦ୍ୱାରା ପରମାତ୍ମାଙ୍କ ଉପାସନା କର । ସାଧକ 'ଓମ୍'କୁ ଉଚ୍ଚ ସ୍ୱରରେ ଗାନ କରିଥାଏ । ଅତଃ 'ଓମ୍' ଉଚ୍ଚାରଣ ସମୟରେ ଝଙ୍କାର ଯେପରି ନାଭି କେନ୍ଦ୍ରରୁ ହୃଦୟ ତନ୍ତ୍ରୀ ଦେଇ ହେବ ସେଥିପ୍ରତି ଧ୍ୟାନ ଦେବା ଓ ସେଭଳି ଚିନ୍ତନ କରିବା ଆବଶ୍ୟକ ।

**ଅଥ ଖଲୁ ୟ ଉଦ୍‌ଗୀଥଃ ସ ପ୍ରଣବୋ ୟଃ ପ୍ରଣବଃ ସ ଉଦ୍‌ଗୀଥ ଇତ୍ୟସୌ ବା ଆଦିତ୍ୟ ଉଦ୍‌ଗୀଥ ଏଷ ପ୍ରଣବ ଓମିତି ହ୍ୟେଷ ସ୍ୱରନ୍ନେତି ।** (ଛାନ୍ଦୋଗ୍ୟ. ୧:୫:୧)

ଯିଏ ଉଦ୍‌ଗୀଥ ସିଏ ହିଁ ପ୍ରଣବ ଓ ଯିଏ ପ୍ରଣବ ସିଏ ହିଁ ଉଦ୍‌ଗୀଥ । ଅର୍ଥାତ୍ ପ୍ରଣବ, ଓମ୍ ଓ ଉଦ୍‌ଗୀଥ ଏ ତିନୋଟି ନାମ ସେହି ଏକ ପରଂବ୍ରହ୍ମଙ୍କ ହିଁ ବାଚକ, ନାମ । ଏହି ସୂର୍ଯ୍ୟ ଉଦ୍‌ଗୀଥ, ପ୍ରଣବର ପ୍ରତୀକ । ସତେ ଯେପରି ଏହି ସୂର୍ଯ୍ୟ ଉଚ୍ଚ ସ୍ୱରରେ 'ଓମ୍' କହି ଗତି କରୁଛି, ଉଦୟ ହେଉଛି ।

ଆଜି ନାସାର ବୈଜ୍ଞାନିକମାନେ ଉପଗ୍ରହର ଅତି ସୂକ୍ଷ୍ମ ଧ୍ୱନିତରଙ୍ଗ ସଂଗ୍ରହକାରୀ ଯନ୍ତ୍ର ମାଧ୍ୟମରେ ସୂର୍ଯ୍ୟ ମଧ୍ୟରୁ ନିର୍ଗତ ହେଉଥିବା ଧ୍ୱନି ତରଙ୍ଗ(କମ୍ପନ)କୁ ସଂଗ୍ରହ କରି ତାକୁ ଶୁଣାଯାଉଥିବା ଧ୍ୱନି ତରଙ୍ଗରେ ରୂପାୟିତ କରି ଅନୁଧ୍ୟାନ ଦ୍ୱାରା ଜାଣିପାରିଛନ୍ତି ଯେ ସୂର୍ଯ୍ୟ ମଧ୍ୟରୁ 'ଓମ୍'ର ଧ୍ୱନିତରଙ୍ଗ ସହ ସାମ୍ୟ ଥିବା ଅତି ସୂକ୍ଷ୍ମ ଧ୍ୱନିନିର୍ଗତ ହେଉଛି ।

ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ...

ଉପସ୍ଥାପନା

**କୃଷ୍ଣାକୁମାରୀ**

❖❖❖

# ଯଜ୍ଞବିଧି

ପୂର୍ବାନୁକ୍ରମିକ ...

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

## ଦୈନିକ-ଅଗ୍ନିହୋତ୍ରାହୁତୟଃ

ନିମ୍ନଲିଖିତ ଚାରୋଟି ମନ୍ତ୍ରରେ ଘୃତ ତଥା ହବନ-ସାମଗ୍ରୀ(ସାକଲ୍ୟ)ର ଚାରୋଟି ଆହୁତି ଦେବେ ।

**ଓଓମ୍ ସୂର୍ଯ୍ୟୋ ଜ୍ୟୋତିର୍ଜ୍ୟୋତିଃ ସୂର୍ଯ୍ୟଃ ସ୍ୱାହା ॥ ୧ ॥**

**ଓଓମ୍ ସୂର୍ଯ୍ୟୋ ବର୍ଚୋ ଜ୍ୟୋତିର୍ବର୍ଚଃ ସ୍ୱାହା ॥ ୨ ॥**

**ଓଓମ୍ ଜ୍ୟୋତିଃ ସୂର୍ଯ୍ୟଃ ସୂର୍ଯ୍ୟୋ ଜ୍ୟୋତିଃ ସ୍ୱାହା ॥ ୩ ॥**

**ଓଓମ୍ ସଜୂର୍ଦେବେନ ସବିତ୍ରା ସଜୂରୁଷସେନ୍ଦ୍ରବତ୍ୟା । ଜୁଷାଣଃ ସୂର୍ଯ୍ୟୋ ବେତୁ ସ୍ୱାହା ॥ ୪ ॥**

(ଯଜୁଃ. ୩:୯,୧୦)

**ପଦାର୍ଥ — (ସୂର୍ଯ୍ୟଃ)** ଚରାଚର ଜଗତର ଆତ୍ମା, ସର୍ବପ୍ରେରକ ପରମାତ୍ମା **(ଜ୍ୟୋତିଃ)** ପ୍ରକାଶସ୍ୱରୂପ ଓ **(ଜ୍ୟୋତିଃ)** ସୂର୍ଯ୍ୟାଦି ପ୍ରକାଶକ ଲୋକଙ୍କର ମଧ୍ୟ ପ୍ରକାଶକ, ଏବଂ **(ସୂର୍ଯ୍ୟଃ)** ସମସ୍ତଙ୍କ ପ୍ରାଣସ୍ୱରୂପ, ସମସ୍ତଙ୍କ ଆତ୍ମାରେ ଜ୍ଞାନର ଉପଦେଷ୍ଟା ଅଟନ୍ତି । **(ସ୍ୱାହା)** ତାଙ୍କରି ଆଜ୍ଞାପାଳନ ନିମିତ୍ତ, ଜ୍ୟୋତିଷ୍ମାନ୍ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ମୁଁ ଯଜ୍ଞୀୟ ଦ୍ରବ୍ୟର ଆହୁତି ଦେଉଛି ॥ ୧ ॥

**(ସୂର୍ଯ୍ୟଃ)** ସର୍ବବ୍ୟାପକ ପରମେଶ୍ୱର **(ବର୍ଚଃ)** ତେଜଃସ୍ୱରୂପ, **(ଜ୍ୟୋତିଃ)** ସମସ୍ତ ବିଦ୍ୟାର ପ୍ରକାଶକ ଏବଂ **(ବର୍ଚଃ)** ବିଜୁଳି, ସୂର୍ଯ୍ୟ ଓ ଅଗ୍ନି ଆଦିରେ ତେଜର ପ୍ରକାଶକ ଅଟନ୍ତି । **(ସ୍ୱାହା)** ତାଙ୍କରି ଅନୁଗ୍ରହ ପ୍ରାପ୍ତି ନିମିତ୍ତ ତେଜଃସ୍ୱରୂପ ପ୍ରାତଃକାଳୀନ ସୂର୍ଯ୍ୟ ଉଦ୍ଦେଶ୍ୟରେ ଏହି ଆହୁତି ଦେଉଛି ॥ ୨ ॥

**(ଜ୍ୟୋତିଃ)** ସ୍ୱୟଂ ପ୍ରକାଶମାନ୍, **(ସୂର୍ଯ୍ୟଃ)** ଜଗତର ପ୍ରକାଶକ, **(ସୂର୍ଯ୍ୟଃ)** ସକଳ ସଂସାରର ଈଶ୍ୱର ପରମାତ୍ମା **(ଜ୍ୟୋତିଃ)** ସମସ୍ତଙ୍କ ଉପାସ୍ୟ ବ୍ରହ୍ମଜ୍ୟୋତି ଅଟନ୍ତି । **(ସ୍ୱାହା)** ତାଙ୍କରି ପ୍ରସନ୍ନତା ପ୍ରାପ୍ତି ନିମନ୍ତେ ସର୍ବପ୍ରକାଶକ ସୂର୍ଯ୍ୟ ଉଦ୍ଦେଶ୍ୟରେ ଏହି ଆହୁତି ପ୍ରଦାନ କରୁଛି ॥ ୩ ॥

**(ଦେବେନ)** ପ୍ରକାଶକ **(ସବିତ୍ରା)** ସୂର୍ଯ୍ୟାଲୋକ ଓ ଜୀବ **(ସଜୂଃ)** ସହ ତଥା **(ଇନ୍ଦ୍ରବତ୍ୟା ଉଷସା)** ପ୍ରକାଶଯୁକ୍ତା ଉଷା ଓ ଜୀବର ମାନସିକ ବୃତ୍ତି **(ସଜୂଃ)** ସହ ବିଦ୍ୟମାନ ପରମେଶ୍ୱର, **(ଜୁଷାଣଃ)** ପ୍ରେମାନନ୍ଦ ସ୍ୱରୂପରେ ବିଦ୍ୟମାନ, ସେବନୀୟ-ଉପାସନୀୟ **(ସୂର୍ଯ୍ୟଃ)** ସମସ୍ତଙ୍କ ଆତ୍ମା ଅନ୍ତର୍ଯ୍ୟାମୀ ପରମାତ୍ମା ଆମକୁ **(ବେତୁ)** ବିଦ୍ୟାଦି ଶୁଭଗୁଣରେ ବିଜ୍ଞାନବାନ୍ କରନ୍ତୁ । **(ସ୍ୱାହା)** ତାଙ୍କରି ଆଜ୍ଞାପାଳନ ନିମିତ୍ତ ସମସ୍ତଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଏହି ଆହୁତି ପ୍ରଦାନ କରୁଛି । ଏବଂ **(ଦେବେନ ସବିତ୍ରା)** ସକଳ ଦେବଙ୍କ ପ୍ରେରକ ଓ ଉତ୍ପାଦକ ପରମାତ୍ମାଙ୍କ **(ସଜୂଃ)** ସହ ସଂଯୁକ୍ତ ଏବଂ **(ଇନ୍ଦ୍ରବତ୍ୟା**

**ଉଷସା ସଜୂଃ)** ପ୍ରସନ୍ନତା, ଶକ୍ତି ଓ ଐଶ୍ୱର୍ଯ୍ୟରେ ସଂଯୁକ୍ତା, ନିଦ୍ରା-ଅନ୍ଧକାର ନାଶିନୀ ପ୍ରକାଶବତୀ ଉଷା ସହ ସଂଯୁକ୍ତ **(ସୂର୍ଯ୍ୟଃ)** ପ୍ରାତଃକାଳିକ ସୂର୍ଯ୍ୟ **(ଜୁଷାଣଃ)** ଆମ ଦ୍ୱାରା ପ୍ରଦତ୍ତ ଆହୁତିକୁ ସମ୍ୟକ୍ ରୂପେ ସେବନ, ଭକ୍ଷଣ କରି **(ବେତୁ)** ତାକୁ ବାତାବରଣରେ ବ୍ୟାପକ କରିଦିଅନ୍ତୁ, ଯଦ୍ଦ୍ୱାରା ଯଜ୍ଞର ଅଧିକାଧିକ ଲାଭ ହେବ । **(ସ୍ୱାହା)** ଏହି ଆନ୍ତରିକ ଅଭିଳାଷ ସହ ଏହି ଆହୁତି ପ୍ରଦାନ କରୁଛି ॥ ୪ ॥

**ଭାବାର୍ଥ —** ପରମାତ୍ମା ସୂର୍ଯ୍ୟ ଅର୍ଥାତ୍ ସକଳ ସଂସାରର ଉତ୍ପାଦକ ତଥା ପ୍ରେରକ, ଗତିଦାତା ଅଟନ୍ତି । କିନ୍ତୁ ପରମାତ୍ମା ଭୌତିକ ଚକ୍ଷୁରେ ଦୃଶ୍ୟମାନ ନୁହନ୍ତି; କେବଳ ଜ୍ଞାନଚକ୍ଷୁରେ ଅନୁମାନଗମ୍ୟ ଓ ଆତ୍ମଚକ୍ଷୁରେ ସାକ୍ଷାତକାରର, ଅନୁଭବର ଯୋଗ୍ୟ । ଏ ଜଗତରେ ଭୌତିକ ସୂର୍ଯ୍ୟ ଦୃଶ୍ୟମାନ । ପରମାତ୍ମାଙ୍କ ପ୍ରକାଶ, ପ୍ରେରଣା ଆଦି ଗୁଣକୁ ବୁଝିବାରେ ଏହି ଭୌତିକ ସୂର୍ଯ୍ୟ ସହାୟକ । ଆମେ ଦେଖୁ ଯେ ସଂସାରରେ ଏହି ସୂର୍ଯ୍ୟ ହିଁ ପ୍ରକାଶ ଓ କାନ୍ତି-ଦୀପ୍ତିର କାରଣ ଅଟନ୍ତି । ତାଙ୍କ ବିନା ସ୍ଥାବର ବୃକ୍ଷ ଆଦି ଏବଂ ଜଙ୍ଗମ ପ୍ରାଣୀମାନଙ୍କ ଶରୀର ମ୍ଲାନ ଅର୍ଥାତ୍ କାନ୍ତିହୀନ ହୋଇଯାଏ । ଏହି ସୂର୍ଯ୍ୟ ସମସ୍ତଙ୍କ ପ୍ରେରକ ଏବଂ ନିଦ୍ରା-ଅନ୍ଧକାର ନାଶ କରୁଥିବା ଗୁଣରେ ଯୁକ୍ତ । ଆମେ ଏହି ଦୃଶ୍ୟମାନ ସୂର୍ଯ୍ୟଙ୍କଠାରୁ ତଥା ଏହାକୁ ମଧ୍ୟ ପ୍ରକାଶିତ କରୁଥିବା ସେହି ଅଦୃଶ୍ୟ ସର୍ବଜଗଦୁତ୍ପାଦକ ଓ ପ୍ରେରକ ମହାସୂର୍ଯ୍ୟଙ୍କଠାରୁ ପ୍ରେରଣା ପ୍ରାପ୍ତ କରି ଆତ୍ମପ୍ରକାଶବାନ୍ ଓ ଆତ୍ମପ୍ରେରଣାସମ୍ପନ୍ନ ହେବା ନିମିତ୍ତ ଏ ଆହୁତି ପ୍ରଦାନ କରୁଛୁ । ଏତଦ୍ଦ୍ୱାରା ଆମେ ଏହି ସୂର୍ଯ୍ୟ ଭଳି ଦେଦୀପ୍ୟମାନ୍, ଆତ୍ମପ୍ରକାଶକ ଓ ପ୍ରେରଣାର ଉତ୍ସ ହୋଇ ସମଗ୍ର ମାନବ ସମାଜର ପ୍ରକାଶକ ଓ ପ୍ରେରକ ହେଉ ।

ଯଦି ସାୟଂକାଳରେ ପୁନଃ ଯଜ୍ଞ ନ କରନ୍ତି ତେବେ ଉପରୋକ୍ତ ଆହୁତି ପରେ ନିମ୍ନ ଚାରୋଟି ମନ୍ତ୍ରରେ ଘୃତ ତଥା ହବନ-ସାମଗ୍ରୀ (ସାକଲ୍ୟ)ର ଚାରୋଟି ଆହୁତି ଦେବେ । ଯଦି ସାୟଂକାଳରେ ପୁନଃ ଯଜ୍ଞ କରିବେ, ତେବେ ସାୟଂକାଳରେ ଉପରୋକ୍ତ ଚାରୋଟି ମନ୍ତ୍ର ସ୍ଥାନରେ ନିମ୍ନ ଚାରୋଟି ମନ୍ତ୍ର ଦ୍ୱାରା ଆହୁତି ପ୍ରଦାନ କରିବେ ।

**ଓ୩ମ୍ ଅଗ୍ନିର୍ଜ୍ୟୋତିର୍ଜ୍ୟୋତିରଗ୍ନିଃ ସ୍ୱାହା ॥ ୧ ॥**

**ଓ୩ମ୍ ଅଗ୍ନିର୍ବର୍ଚୋଜ୍ୟୋତିର୍ବର୍ଚଃ ସ୍ୱାହା ॥ ୨ ॥**

ନିମ୍ନ ମନ୍ତ୍ରର ରେଖାଙ୍କିତ ଅଂଶକୁ ମନରେ ଓ ଅନ୍ୟ ଭାଗକୁ ବାଣୀରେ ଉଚ୍ଚାରଣ କରି ଆହୁତି ଦେବେ ।

**ଓ୩ମ୍ <u>ଅଗ୍ନିର୍ଜ୍ୟୋତିର୍ଜ୍ୟୋତିରଗ୍ନିଃ</u> ସ୍ୱାହା ॥ ୩ ॥**

**ଓ୩ମ୍ ସଜୂର୍ଦେବେନ ସବିତ୍ରା ସଜୂ ରାତ୍ର୍ୟେନ୍ଦ୍ରବତ୍ୟା । ଜୁଷାଣୋଽଗ୍ନିର୍ବେତୁ ସ୍ୱାହା ॥ ୪ ॥**

(ଯଜୁଃ. ୩:୯,୧୦)

**ପଦାର୍ଥ — (ଅଗ୍ନିଃ)** ଜ୍ଞାନସ୍ୱରୂପ ଓ ଜ୍ଞାନଦାତା ପରମେଶ୍ୱର **(ଜ୍ୟୋତିର୍ଜ୍ୟୋତିଃ)** ଜ୍ୟୋତିମାନଙ୍କର ବି ଜ୍ୟୋତି, ପ୍ରକାଶବାନ୍ ପଦାର୍ଥଗୁଡ଼ିକର ବି ପ୍ରକାଶକ ଅର୍ଥାତ୍ ସେଥିରେ ପ୍ରକାଶଦାତା, **(ଅଗ୍ନିଃ)** ଦୋଷଦାହକ ଅଟନ୍ତି । **(ସ୍ୱାହା)** ତାଙ୍କରି ଆଜ୍ଞାପାଳନ ସକାଶେ, ତାଙ୍କରି ପ୍ରାପ୍ତି ନିମନ୍ତେ, ସଂସାରର ସମସ୍ତଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଜ୍ୟୋତିଃସ୍ୱରୂପ ଭୌତିକ ଅଗ୍ନିରେ ଆହୁତି ଦେଉଛି ॥ ୧ ॥

**(ଅଗ୍ନିଃ)** ଜ୍ଞାନସ୍ୱରୂପ, ଅନନ୍ତ ବିଦ୍ୟାବାନ୍ ପରମେଶ୍ୱର **(ବର୍ଚଃ)** ଆତ୍ମଜ୍ଞାନଦାତା, **(ଜ୍ୟୋତିଃ)** ସକଳ ପଦାର୍ଥର ପ୍ରକାଶକ, **(ବର୍ଚଃ)** ଅଗ୍ନି, ସୂର୍ଯ୍ୟାଦି ପଦାର୍ଥରେ ଦୀପ୍ତିଦାତା ଅଟନ୍ତି । **(ସ୍ୱାହା)** ତାଙ୍କରି ଆଜ୍ଞାପାଳନ ସକାଶେ, ତାଙ୍କରି

ପ୍ରାପ୍ତି ନିମନ୍ତେ, ସକଳ ଜଗତର କଲ୍ୟାଣ କାମନାରେ ଦୀପ୍ତିମାନ୍ ଭୌତିକ ଅଗ୍ନିରେ ଆହୁତି ପ୍ରଦାନ କରୁଛି ॥ ୨ ॥

ତୃତୀୟ ମନ୍ତ୍ରର ଅର୍ଥ ପ୍ରଥମ ମନ୍ତ୍ରର ଅର୍ଥ ଭଳି ।

**(ସଜୂର୍ଦ୍ଦେବେନ ସବିତ୍ରା)** ପରମେଶ୍ୱର ପ୍ରାଣାଦିରେ, ସୂର୍ଯ୍ୟାଦି ଲୋକରେ ତଥା ଜୀବାତ୍ମା ସହ ବିଦ୍ୟମାନ ଅର୍ଥାତ୍ ଏସବୁରେ ବ୍ୟାପକ, **(ସଜୂଃ ରାତ୍ର୍ୟେନ୍ଦ୍ରବତ୍ୟା)** ବାୟୁ ଓ ଚନ୍ଦ୍ର-ତାରାଖଚିତ ରାତ୍ରି ସହ ପରିପୂର୍ଣ୍ଣ, **(ଅଗ୍ନିଃ)** କଣ-କଣରେ ବ୍ୟାପକ । ସେହି ଅଗ୍ନି ପରମେଶ୍ୱର **(ଜୁଷାଣଃ)** ପ୍ରସନ୍ନ ହୋଇ ଆମକୁ **(ବେତୁ)** ନିତ୍ୟାନନ୍ଦ ମୋକ୍ଷସୁଖ ପ୍ରଦାନ କରନ୍ତୁ । **(ସ୍ୱାହା)** ସେହି ପରମେଶ୍ୱରଙ୍କ ଆଜ୍ଞାପାଳନ ନିମିତ୍ତ, ତାଙ୍କରି ପ୍ରାପ୍ତି ସକାଶେ, ସକଳ ଜଗତର କଲ୍ୟାଣ ପାଇଁ ଯଜ୍ଞାଗ୍ନିରେ ଆହୁତି ପ୍ରଦାନ କରୁଅଛି । ଏବଂ **(ଦେବେନ ସବିତ୍ରା)** ସକଳ ଦେବଙ୍କ ପ୍ରେରକ ଓ ଉତ୍ପାଦକ ପରମାତ୍ମାଙ୍କ **(ସଜୂଃ)** ସହ ସଂଯୁକ୍ତ ଏବଂ **(ଇନ୍ଦ୍ରବତ୍ୟା ରାତ୍ର୍ୟା ସଜୂଃ)** ପ୍ରାଣ ଏବଂ ଚନ୍ଦ୍ର-ତାରକା ଖଚିତ ପ୍ରକାଶମୟୀ ରାତ୍ରି ସହ ସଂଯୁକ୍ତ **(ଅଗ୍ନିଃ)** ଭୌତିକ ଅଗ୍ନି **(ଜୁଷାଣଃ)** ଆମରି ଦତ୍ତ ଆହୁତିରେ ପ୍ରଶଂସିତ ହୋଇ ଆମ ଆହୁତିକୁ ସମ୍ୟକ୍ ରୂପେ ଭକ୍ଷଣ କରି **(ବେତୁ)** ତାକୁ ବାତାବରଣରେ ବ୍ୟାପକ କରିଦେଉ ଯଦ୍ୱାରା ଯଜ୍ଞର ଅଧିକାଧିକ ଲାଭ ପ୍ରାପ୍ତ ହେବ । **(ସ୍ୱାହା)** ଏହି ଆନ୍ତରିକ ଅଭିଳାଷ ସହ ଏହି ଆହୁତି ପ୍ରଦାନ କରୁଛି ॥ ୪ ॥

**ଭାବାର୍ଥ —** ରାତ୍ରିକାଳରେ ଅଗ୍ନି ହିଁ ପ୍ରକାଶ ଓ କାନ୍ତି-ଦୀପ୍ତିର କାରଣ । ଏହା ବିନା ପ୍ରାଣୀମାନେ ସ୍ୱ ବ୍ୟବହାର ସମ୍ପାଦନ କରିବାରେ ଅସମର୍ଥ ହୁଅନ୍ତି । ଅଗ୍ନି ଏକ ଗତିଜ ତତ୍ତ୍ୱ । ଏଣୁ ଆମେ ସେହି ଅଗ୍ନିଦେବଙ୍କ ଠାରୁ ପ୍ରେରଣା ପ୍ରାପ୍ତ କରି ଆତ୍ମପ୍ରକାଶବାନ୍ ଓ ଆତ୍ମପ୍ରେରଣାସମ୍ପନ୍ନ ହେବା ପାଇଁ ଏ ଆହୁତି ପ୍ରଦାନ କରୁଛୁ । ଏତଦ୍ୱାରା ଆମେ ସ୍ୱୟଂ ଅଗ୍ନି ସମ ଦେଦୀପ୍ୟମାନ୍, ସ୍ୱୟଂପ୍ରକାଶ ଓ ପ୍ରେରଣାର ଉତ୍ସ ହୋଇ ସମଗ୍ର ମାନବ ସମାଜର ପ୍ରକାଶକ ଓ ପ୍ରେରକ ହେଉ ।

ନିମ୍ନ ଆଠୋଟି ମନ୍ତ୍ର ପାଠ କରି ଘୃତ ତଥା ହବନ-ସାମଗ୍ରୀ ଦ୍ୱାରା ଆଠୋଟି ଆହୁତି ଦେବେ ।

**ଓ୩ମ୍ ଭୂରଗ୍ନୟେ ପ୍ରାଣାୟ ସ୍ୱାହା ॥ ଇଦମଗ୍ନୟେ ପ୍ରାଣାୟ - ଇଦନ୍ନ ମମ ॥ ୧ ॥**

**ଓ୩ମ୍ ଭୂବର୍ବାୟବେଽପାନାୟ ସ୍ୱାହା ॥ ଇଦଂ ବାୟବେଽପାନାୟ - ଇଦନ୍ନ ମମ ॥ ୨ ॥**

**ଓ୩ମ୍ ସ୍ୱରାଦିତ୍ୟାୟ ବ୍ୟାନାୟ ସ୍ୱାହା ॥ ଇଦମାଦିତ୍ୟାୟ ବ୍ୟାନାୟ - ଇଦନ୍ନ ମମ ॥ ୩ ॥**

**ଓ୩ମ୍ ଭୂର୍ଭୁବଃ ସ୍ୱରଗ୍ନିବାୟ୍ୱାଦିତ୍ୟେଭ୍ୟଃ ପ୍ରାଣାପାନବ୍ୟାନେଭ୍ୟଃ ସ୍ୱାହା ॥ ଇଦମଗ୍ନିବାୟ୍ୱାଦିତ୍ୟେଭ୍ୟଃ ପ୍ରାଣାପାନବ୍ୟାନେଭ୍ୟଃ - ଇଦନ୍ନ ମମ ॥ ୪ ॥** (ତୈତ୍ତି. ଆ. ୧୦:୨)

**ପଦାର୍ଥ — (ଭୂଃ)** ସର୍ବପ୍ରାଣାଧାର, **(ଅଗ୍ନୟେ ପ୍ରାଣାୟ)** ଜ୍ଞାନସ୍ୱରୂପ, ପ୍ରାଣଠାରୁ ମଧ୍ୟ ପ୍ରିୟ ପରମେଶ୍ୱରଙ୍କ ପ୍ରାପ୍ତି ପାଇଁ ପୃଥିବୀ ସ୍ଥାନୀୟ ଅଗ୍ନି ନିମନ୍ତେ ଓ ପ୍ରାଣବାୟୁର ଶୁଦ୍ଧି ସକାଶେ **(ସ୍ୱାହା)** ଏ ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏହି ହୋମ ଦ୍ରବ୍ୟ ସେହି **(ଅଗ୍ନୟେ ପ୍ରାଣାୟ)** ଜ୍ଞାନସ୍ୱରୂପ, ପ୍ରାଣପ୍ରିୟ ଜଗଦୀଶ୍ୱରଙ୍କ ଆଜ୍ଞାପାଳନ ଏବଂ ଅଗ୍ନି ଓ ପ୍ରାଣବାୟୁ ଦ୍ୱାରା ଜଗତ କଲ୍ୟାଣ ନିମନ୍ତେ ଅର୍ପିତ । **(ଇଦଂ ମମ ନ)** ଏହା ମୋର ନୁହେଁ ।

**(ଭୁବଃ ବାୟବେ ଅପାନାୟ)** ସମସ୍ତ ଦୁଃଖରୁ ରହିତ, ସର୍ବତ୍ର ବ୍ୟାପକ, ସର୍ବଦୁଃଖବିନାଶକ ପରମାତ୍ମାଙ୍କ ପ୍ରାପ୍ତି ପାଇଁ ଅନ୍ତରିକ୍ଷସ୍ଥ ବାୟୁ ନିମନ୍ତେ ଏବଂ ଅପାନ ବାୟୁର ଶୁଦ୍ଧି ସକାଶେ **(ସ୍ୱାହା)** ପରମେଶ୍ୱରଙ୍କ ଆଜ୍ଞାନୁସାରେ ଏ ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏହି ହୁତ ଦ୍ରବ୍ୟ **(ବାୟବେ ଅପାନାୟ)** ସର୍ବବ୍ୟାପକ, ସର୍ବଦୁଃଖବିନାଶକ ଦୟାଳୁ ପରମେଶ୍ୱରଙ୍କ

ଆଜ୍ଞାପାଳନାର୍ଥେ ଏବଂ ବାୟୁ ଶୁଦ୍ଧି ଦ୍ୱାରା ପରୋପକାର ପାଇଁ ସମର୍ପିତ । **(ଇଦଂ ମମ ନ)** ଏହା ମୋର ନୁହେଁ ॥ ୨ ॥

**(ସ୍ୱଃ-ଆଦିତ୍ୟାୟ ବ୍ୟାନାୟ)** ସୁଖସ୍ୱରୂପ, ସୁଖପ୍ରଦାତା, ଅଖଣ୍ଡ ଓ ପ୍ରକାଶସ୍ୱରୂପ, ସର୍ବଜଗତ ସଞ୍ଚାଳକ, ସର୍ବାଧାର, ସର୍ବତ୍ର ବ୍ୟାପକ ବ୍ରହ୍ମଙ୍କ ପ୍ରାପ୍ତି ପାଇଁ ଦ୍ୟୁସ୍ଥାନୀୟ ସୂର୍ଯ୍ୟ ନିମିତ୍ତ ଓ ବ୍ୟାନ ବାୟୁର ଶୁଦ୍ଧି ସକାଶେ **(ସ୍ୱାହା)** ପରମେଶ୍ୱରଙ୍କ ଆଜ୍ଞାନୁସାରେ ଏ ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏହି ହବ୍ୟ-ଦ୍ରବ୍ୟ **(ଆଦିତ୍ୟାୟ ବ୍ୟାନାୟ)** ଅଖଣ୍ଡ ଓ ପ୍ରକାଶସ୍ୱରୂପ, ଜଗତର ସଂଚାଳକ, ସର୍ବବ୍ୟାପକ ପରଂବ୍ରହ୍ମଙ୍କ ଆଜ୍ଞାପାଳନାର୍ଥେ ଏବଂ ସୂର୍ଯ୍ୟାଲୋକ ଓ ବ୍ୟାନବାୟୁର ଶୁଦ୍ଧି ଦ୍ୱାରା ସଂସାରର ଉପକାର ପାଇଁ ସମର୍ପିତ । **(ଇଦଂ ମମ ନ)** ଏହା ମୋର ନୁହେଁ ।

**(ଭୂଃ-ଭୁବଃ-ସ୍ୱଃ)** ସର୍ବପ୍ରାଣାଧାର, ସର୍ବଦୁଃଖବିନାଶକ, ସୁଖସ୍ୱରୂପ, **(ଅଗ୍ନି-ବାୟୁ-ଆଦିତ୍ୟେଭ୍ୟଃ)** ଜ୍ଞାନସ୍ୱରୂପ, ସର୍ବତ୍ର ବ୍ୟାପକ, ଅଖଣ୍ଡ-ଏକରସ, **(ପ୍ରାଣ-ଅପାନ-ବ୍ୟାନେଭ୍ୟଃ)** ପ୍ରାଣପ୍ରିୟ, ଦୋଷନିବାରକ, ସର୍ବଜଗତ ସଂଚାଳକ ପରମାତ୍ମାଙ୍କ ପ୍ରାପ୍ତି ପାଇଁ ପୃଥିବୀ-ଅନ୍ତରିକ୍ଷ-ଦ୍ୟୁଲୋକସ୍ଥାନୀୟ ଯଥାକ୍ରମେ ଅଗ୍ନି, ବାୟୁ ଓ ଆଦିତ୍ୟଙ୍କ ନିମନ୍ତେ ତଥା ପ୍ରାଣ, ଅପାନ ଓ ବ୍ୟାନ ସଂଜ୍ଞକ ପ୍ରାଣବାୟୁର ଶୁଦ୍ଧି ସକାଶେ **(ସ୍ୱାହା)** ଜଗଦୀଶ୍ୱରଙ୍କ ଆଜ୍ଞାପାଳନାର୍ଥେ ଏ ଆହୁତି ପୁନଃ ପ୍ରଦାନ କରୁଛି । **(ଇଦମ୍)** ଏହି ହବ୍ୟ-ଦ୍ରବ୍ୟ **(ଅଗ୍ନି-ବାୟୁ-ଆଦିତ୍ୟେଭ୍ୟଃ)** ଜ୍ଞାନସ୍ୱରୂପ, ସର୍ବବ୍ୟାପକ, ଅଖଣ୍ଡ ଓ ପ୍ରକାଶସ୍ୱରୂପ, **(ପ୍ରାଣ-ଅପାନ-ବ୍ୟାନେଭ୍ୟଃ)** ପ୍ରାଣପ୍ରିୟ, ସର୍ବଦୁଃଖବିନାଶକ, ସର୍ବଜଗଦାଧାର ଜଗଦୀଶ୍ୱରଙ୍କ ଆଜ୍ଞାପାଳନାର୍ଥେ ଏବଂ ଅଗ୍ନି-ବାୟୁ-ସୂର୍ଯ୍ୟାଲୋକର ସର୍ବୋତ୍କୃଷ୍ଟ ଉପଯୋଗ ଓ ପ୍ରାଣ, ଅପାନ ଓ ବ୍ୟାନ ବାୟୁର ଶୁଦ୍ଧି ଦ୍ୱାରା ପରୋପକାର ପାଇଁ ସମର୍ପିତ । **(ଇଦଂ ମମ ନ)** ଏହା ମୋର ନୁହେଁ ॥ ୪ ॥

**ଭାବାର୍ଥ —** ଏ ସବୁ ଆହୁତି ପ୍ରଦାନ କରିବା ସମୟରେ ଯଜମାନର ଆନ୍ତରିକ ଭାବନା ରହିବା ଆବଶ୍ୟକ — "ହେ ସର୍ବପ୍ରାଣାଧାର ପ୍ରଭୋ ! ପୃଥିବୀସ୍ଥାନୀୟ ଅଗ୍ନି ଯେପରି ପୃଥିବୀସ୍ଥ ପଦାର୍ଥଗୁଡ଼ିକର ପ୍ରାଣଶକ୍ତିଦାତା, ମୁଁ ମଧ୍ୟ କ୍ରମଶଃ ଉନ୍ନତ ହୋଇ ଅଗ୍ନି ସମ ସଂସାରରେ ପ୍ରାଣ ଭଳି ପ୍ରିୟ, ପ୍ରାଣ-ଜୀବନ ବର୍ଦ୍ଧକ ହୁଏ । ହେ ସର୍ବଦୁଃଖବିନାଶକ ଈଶ୍ୱର ! ଅନ୍ତରିକ୍ଷସ୍ଥାନୀୟ ବାୟୁ ଯେପରି ନିଜର ଗତି ଦ୍ୱାରା ସଂସାରର ଦୁଃଖ-ସନ୍ତାପ ଦୂର କରେ ମୁଁ ମଧ୍ୟ ବାୟୁ ସମ ଲୋକଙ୍କ ଦୁଃଖ ଦୂରକାରୀ ହୁଏ । ହେ ସୁଖସ୍ୱରୂପ ଓ ସୁଖପ୍ରଦାତା ପରମେଶ୍ୱର ! ଦ୍ୟୁସ୍ଥାନୀୟ ସୂର୍ଯ୍ୟ ଯେଉଁଭଳି ସ୍ୱୟଂ ଗ୍ରହଣ, ଆହରଣ କରିଥିବା ରସ(ଜଳ)କୁ ବର୍ଷା ଦ୍ୱାରା ପୁନଃ ପୃଥିବୀକୁ ଫେରାଇ ସଂସାରକୁ ସୁଖ ଦିଏ ମୁଁ ସେଭଳି ଆଦିତ୍ୟ ସମ ସ୍ୱ ପୁରୁଷାର୍ଥ ଦ୍ୱାରା ସଂଗୃହୀତ ଭୋଗ୍ୟ ପଦାର୍ଥକୁ ସଂସାରରେ ବିତରଣ କରି ସେମାନଙ୍କୁ ସୁଖପ୍ରଦାତା ହୁଏ । ହେ ସଚ୍ଚିଦାନନ୍ଦ ପରମାତ୍ମନ୍ ! ଅଗ୍ନି, ବାୟୁ ଓ ଆଦିତ୍ୟ ଏହି ତିନି ଶକ୍ତି ମିଶି ଯେପରି ସ୍ଥାବର-ଜଙ୍ଗମ ଜଗତର ସ୍ୱାଭାବିକ ଉପକାର କରନ୍ତି ସେହିଭଳି ମୁଁ ମଧ୍ୟ ସଂସାରର ସେବା ନିମିତ୍ତ ଏ ତିନି ଶକ୍ତିର ଯଥାଯଥ ବିନିଯୋଗ କରି ସଂସାରର ଉପକାର କରେ ମୋ ମନରେ ଏଭଳି ଭାବନା ନିରନ୍ତର ଉଦ୍ଦୀପ୍ତ ହୋଇ ରହୁ । ଏହି କାମନାରେ ମୁଁ ଏ ଚାରୋଟି ଆହୁତି ପ୍ରଦାନ କରୁଛି ।"

**ଓଂମ୍ ଆପୋ ଜ୍ୟୋତୀ ରସୋଽମୃତଂ ବ୍ରହ୍ମ ଭୂର୍ଭୁବଃ ସ୍ୱରୋଂ ସ୍ୱାହା ॥ ୫ ॥** (ତୈତ୍ତି. ଆ. ୧୦:୧୫)

**ପଦାର୍ଥ —** ହେ ପ୍ରଭୋ ! ଆପଣ **(ଆପଃ)** ସର୍ବବ୍ୟାପକ, **(ଜ୍ୟୋତିଃ)** ସ୍ୱୟଂପ୍ରକାଶସ୍ୱରୂପ ଓ ପ୍ରକାଶକ, **(ରସଃ)** ଆନନ୍ଦରସସ୍ୱରୂପ, ସ୍ନେହଶୀଳ, **(ଅମୃତମ୍)** ନାଶରହିତ, ଅଖଣ୍ଡ, ଅଜର-ଅମର, **(ବ୍ରହ୍ମ)** ସବୁଠାରୁ ମହାନ୍, **(ଭୂଃ)** ପ୍ରାଣପ୍ରିୟ, **(ଭୁବଃ)** ଦୁଃଖବିନାଶକ, **(ସ୍ୱଃ)** ସୁଖସ୍ୱରୂପ ଓ ସୁଖପ୍ରଦାତା, **(ଓମ୍)** ସର୍ବରକ୍ଷକ ଅଟନ୍ତି । **(ସ୍ୱାହା)** ଆପଣଙ୍କୁ ପ୍ରାପ୍ତ କରିବା ନିମିତ୍ତ ଆପଣଙ୍କ ପ୍ରଦତ୍ତ ସାଧନରେ ସଂସାରକଲ୍ୟାଣ ସକାଶେ ଏ ଆହୁତି ଅର୍ପଣ କରୁଛି ॥ ୫ ॥

**ଭାବାର୍ଥ —** ହେ ପ୍ରଭୋ ! ଆପଣ ସର୍ବବ୍ୟାପକ; ସ୍ୱୟଂପ୍ରକାଶ-ସ୍ୱରୂପ, ପ୍ରକାଶକ; ଆନନ୍ଦରସସ୍ୱରୂପ, ସ୍ନେହଶୀଳ;

ଦୟାଳୁ; ନାଶରହିତ, ଅଖଣ୍ଡ, ଅଜର-ଅମର; ସବୁଠାରୁ ମହାନ୍, ସର୍ବଶ୍ରେଷ୍ଠ; ପ୍ରାଣସମ ପ୍ରିୟ; ତ୍ରିତାପହାରୀ; ସୁଖସ୍ୱରୂପ, ସୁଖପ୍ରଦାତା ଓ ସର୍ବରକ୍ଷକ ଅଟନ୍ତି । ଆପଣଙ୍କ ଦୟାରେ ଏ ଜୀବନ ଯଜ୍ଞମୟ ହେଉ । ଆପଣଙ୍କ ପ୍ରଦତ୍ତ ସାଧନଗୁଡ଼ିକୁ ନିଷ୍କାମ ଭାବନାରେ ଆପଣଙ୍କ ଆଜ୍ଞାପାଳନାର୍ଥେ ବିନିଯୋଗ କରୁ । ସେହି କାମନାରେ ଏ ଆହୁତି ଅର୍ପଣ କରୁଛି । ହେ ପ୍ରଭୋ ! ନିଷ୍କାମ ଭାବରେ ଆପଣଙ୍କ ପ୍ରାପ୍ତି ଉଦ୍ଦେଶ୍ୟରେ ସକଳ କର୍ମ ସମ୍ପାଦନ କରି କରି ଅପାଣଙ୍କ ନିତ୍ୟାନନ୍ଦ ମୋକ୍ଷସ୍ୱରୂପକୁ ପ୍ରାପ୍ତ ହୋଇ ତିନି ଲୋକରେ ଅବ୍ୟାହତ ଗତିରେ ଆନନ୍ଦରେ ବିଚରଣ କରୁ ॥ ୫ ॥

**ଓ୩ମ୍ ଯାଂ ମେଧାଂ ଦେବଗଣାଃ ପିତରଶ୍ଚୋପାସତେ । ତୟା ମାମଦ୍ୟ ମେଧୟାଽଗ୍ନେ ମେଧାବିନଂ କୁରୁ ସ୍ୱାହା ॥ ୬ ॥** (ଯଜୁଃ. ୩୨:୧୪)

**ପଦାର୍ଥ — (ଅଗ୍ନେ)** ହେ ଜ୍ଞାନସ୍ୱରୂପ ଓ ଜ୍ଞାନଦାତା ପରମେଶ୍ୱର ! **(ଯାମ୍)** ଯେଉଁ **(ମେଧାମ୍)** ଧାରଣାବତୀ ଅର୍ଥାତ୍ ଜ୍ଞାନ, ଗୁଣ, ଉତ୍ତମ ବିଚାର ଆଦିକୁ ଧାରଣକାରିଣୀ ବୁଦ୍ଧିକୁ **(ଦେବଗଣାଃ)** ଦିବ୍ୟଗୁଣ ସମ୍ପନ୍ନ ବିଦ୍ୱାନ୍‌ଗଣ **(ଚ)** ଓ **(ପିତରଃ)** ଅଜ୍ଞାନାନ୍ଧକାର ଦୂର କରି ରକ୍ଷା-ପାଳନ କରୁଥିବା ମାତା-ପିତା ଆଦି ଜ୍ଞାନବୃଦ୍ଧ ଓ ବୟୋବୃଦ୍ଧ ବ୍ୟକ୍ତିଗଣ **(ଉପାସତେ)** ଉପାସନା କରନ୍ତି ଅର୍ଥାତ୍ କାମନା କରନ୍ତି ଓ ତା'ର ପ୍ରାପ୍ତି ପାଇଁ ପ୍ରଯତ୍ନଶୀଳ ରହନ୍ତି **(ତୟା)** ସେହି **(ମେଧୟା)** ମେଧା ବୁଦ୍ଧି ଦ୍ୱାରା **(ମାମ୍)** ମୋତେ **(ଅଦ୍ୟ)** ଆଜି, ଯଥାଶୀଘ୍ର **(ମେଧାବିନମ୍)** ମେଧାବୁଦ୍ଧିସମ୍ପନ୍ନ **(କୁରୁ)** କରନ୍ତୁ । **(ସ୍ୱାହା)** ଏହି ପ୍ରାର୍ଥନା କରି ଏ ଆହୁତି ପ୍ରଦାନ କରୁଛି ।

**ଓ୩ମ୍ ବିଶ୍ୱାନି ଦେବ ସବିତର୍ଦୁରିତାନି ପରା ସୁବ । ଯଦ୍ ଭଦ୍ରନ୍ତନ୍ନଽ ଆ ସୁବ ସ୍ୱାହା ॥ ୭ ॥** (ଯଜୁଃ. ୩୦:୩)

**ପଦାର୍ଥ — (ଦେବ)** ହେ ଦିବ୍ୟ ଗୁଣ-କର୍ମ-ସ୍ୱଭାବଯୁକ୍ତ, ସର୍ବସୁଖଦାତା, **(ସବିତଃ)** ସକଳ ଜଗତର ଉତ୍ପତ୍ତିକର୍ତ୍ତା, ସମସ୍ତ ଐଶ୍ୱର୍ଯ୍ୟଯୁକ୍ତ, ଉତ୍ତମ-ଗୁଣ-କର୍ମ-ସ୍ୱଭାବରେ ପ୍ରେରକ ପରମେଶ୍ୱର ! ଆପଣ କୃପା କରି ଆମର **(ବିଶ୍ୱାନି)** ସମ୍ପୂର୍ଣ୍ଣ **(ଦୁରିତାନି)** ଦୁର୍ଗୁଣ, ଦୁର୍ବ୍ୟସନ ଓ ଦୁଃଖ **(ପରା ସୁବ)** ଦୂର କରିଦିଅନ୍ତୁ ଏବଂ **(ଯତ୍)** ଯାହା **(ଭଦ୍ରମ୍)** କଲ୍ୟାଣକାରକ ଗୁଣ, କର୍ମ, ସ୍ୱଭାବ ଓ ପଦାର୍ଥ **(ତତ୍)** ତାହା **(ନଃ)** ଆମକୁ **(ଆ ସୁବ)** ପ୍ରାପ୍ତ କରାନ୍ତୁ ।

**ଓ୩ମ୍ ଅଗ୍ନେ ନୟ ସୁପଥା ରାୟେଽଅସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ । ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ ଭୂୟିଷ୍ଠାନ୍ତେ ନମଽ ଉକ୍ତିଂ ବିଧେମ ॥ ୮ ॥** (ଯଜୁଃ. ୪୦:୧୬)

**ପଦାର୍ଥ — (ଅଗ୍ନ)** ହେ ସ୍ୱପ୍ରକାଶ, ଜ୍ଞାନସ୍ୱରୂପ, ସନ୍ମାର୍ଗଦର୍ଶକ, ସର୍ବନାୟକ ପରମେଶ୍ୱର ! ଆପଣ କୃପାକରି **(ରାୟେ)** ସାଂସାରିକ ଐଶ୍ୱର୍ଯ୍ୟ ଓ ମୋକ୍ଷ ପ୍ରାପ୍ତି ପାଇଁ **(ଅସ୍ମାନ୍)** ଆମକୁ **(ସୁପଥା)** ଉତ୍ତମ, ଧର୍ମାତ୍ମା ଆପ୍ତ ବିଦ୍ୱାନଙ୍କ ମାର୍ଗରେ **(ନୟ)** ନିଅନ୍ତୁ । **(ଦେବ)** ହେ ସକଳ ସୁଖଦାତା ପରମାତ୍ମନ୍ ! ଆପଣ ଆମର **(ବିଶ୍ୱାନି)** ସମସ୍ତ **(ବୟୁନାନି)** ଜ୍ଞାନ ଓ କର୍ମ, ବିଚାର ଓ ଆଚାର **(ବିଦ୍ୱାନ୍)** ଜାଣନ୍ତି । ଅତଃ **(ଅସ୍ମତ୍)** ଆମଠାରୁ **(ଜୁହୁରାଣମ୍)** କୁଟିଳତାଯୁକ୍ତ **(ଏନଃ)** ପାପାଚରଣ **(ଯୁୟୋଧି)** ଦୂର କରନ୍ତୁ । ଆପଣଙ୍କ ଅପାର କୃପା ଓ ମହାନ୍ ଦୟା ପାଇଁ ଆମେ **(ତେ)** ଆପଣଙ୍କର **(ଭୂୟିଷ୍ଠାମ୍)** ଭୂୟୋ-ଭୂୟଃ, ଅଧିକାଧିକ **(ନମ ଉକ୍ତିମ୍)** ନମନ, ନମ୍ରତାପୂର୍ବକ ସ୍ତୁତି **(ବିଧେମ)** କରୁଛୁ ।

ଯଦି ଆଜ୍ୟସ୍ଥାଳୀ(ଘୃତପାତ୍ର)ରେ ପୂର୍ଣ୍ଣାହୁତି ନିମନ୍ତେ ଉଦ୍ଦିଷ୍ଟ ତିନୋଟି ଆହୁତିରୁ ଯଥେଷ୍ଟ ଅଧିକ ଘୃତ ଥାଏ ତଥା ସବୁତକ ଘୃତ ଯଜ୍ଞରେ ବିନିଯୋଗ କରିବାକୁ ଚାହୁଁଥାନ୍ତି, ତେବେ ନିମ୍ନ ଦୁଇଟି ମନ୍ତ୍ର ପାଠ କରି ସେହି ଅଧିକ ପରିମାଣର

ଘୃତ ତଥା ହବନ-ସାମଗ୍ରୀ ଦ୍ୱାରା ଆବଶ୍ୟକ ସଂଖ୍ୟକ ଆହୁତି ଦେବେ ।

**ଓ୩ମ୍ ବିଶ୍ୱାନି ଦେବ ସବିତର୍ଦୁରିତାନି ପରା ସୁବ । ଯଦ୍ ଭଦ୍ରନ୍ତନ୍ନଂ ଆ ସୁବ ସ୍ୱାହା ॥**

(ଯଜୁଃ. ୩୦:୩)

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି । ଧିୟୋ ଯୋ ନଃ ପ୍ରଚୋଦୟାତ୍ ସ୍ୱାହା ॥**

(ଯଜୁଃ. ୩୬:୩)

## ପୂର୍ଣ୍ଣାହୁତୟଃ

ନିମ୍ନ ମନ୍ତ୍ର ତିନି ଥର ଉଚ୍ଚାରଣ କରି ପ୍ରତ୍ୟେକ ଥର ଗୋଟିଏ ଲେଖାଏଁ କରି ତିନୋଟି ପୂର୍ଣ୍ଣାହୁତି ଦେବେ ।

**ଓ୩ମ୍ ସର୍ବଂ ବୈ ପୂର୍ଣ୍ଣଂ ସ୍ୱାହା ॥**

**ପଦାର୍ଥ — (ଓ୩ମ୍)** ସର୍ବବ୍ୟାପକ ପ୍ରଭୁଙ୍କ ଦ୍ୱାରା **(ସର୍ବମ୍)** ସକଳ ଚରାଚର ଜଗତ **(ବୈ)** ଅବଶ୍ୟ, ନିଶ୍ଚିତ ରୂପେ **(ପୂର୍ଣ୍ଣମ୍)** ପରିପୂର୍ଣ୍ଣ, ବ୍ୟାପ୍ତ **(ସ୍ୱାହା)** ଏହା ମୁଁ ଯଥାର୍ଥ ରୂପେ ଜାଣେ, ବା ଜାଣିବା ପାଇଁ ପ୍ରଯତ୍ନଶୀଳ ଅଛି ।

**॥ ଇତି ଯଜ୍ଞବିଧିଃ ସମାପ୍ତଃ ॥**

**ବି.ଦ୍ର. :** ତଦନନ୍ତର ଶାନ୍ତିପାଠ ପୂର୍ବକ ଯଜ୍ଞକର୍ମ ସମାପ୍ତି କରିବେ । ଯଦି ପୁରୋହିତ ବରଣ କରିଥାନ୍ତି, ତେବେ ଶାନ୍ତିପାଠ ପରେ ପୁରୋହିତ ଯଜମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବେ । ସମୟ-ସୁବିଧା ଅନୁସାରେ ଶାନ୍ତିପାଠ ପୂର୍ବରୁ କିଛି ବେଦ ଆଲୋଚନା ବି କରାଯାଇପାରେ । କାର୍ଯ୍ୟକ୍ରମ ସମାପ୍ତିରେ ଯଜମାନ ଏବଂ ସମବେତ ଅନ୍ୟମାନେ ହୁତଶେଷ ଖେଚୁଡ଼ି/ମୋହନଭୋଗ ଆଦି ସେବନ କରିବେ । ପୁରୋହିତଙ୍କୁ ଭୋଜନ ତଥା ଯଥାଯୋଗ୍ୟ ଦକ୍ଷିଣା ଦେଇ ବିଦାୟ ଦେବେ ।

## ଅଥ ଦର୍ଶେଷ୍ଟିବିଧିଃ

ଅମାବାସ୍ୟା ତିଥିରେ ଯଜ୍ଞ କଲେ **'ଯଜ୍ଞବିଧି'** ଅନ୍ତର୍ଗତ **'ଅଗ୍ନେ ନୟ ସୁପଥା...'** ପର୍ଯ୍ୟନ୍ତ ଆହୁତି ଦେବା ପରେ ନିମ୍ନ ତିନୋଟି ମନ୍ତ୍ରରେ ଘୃତଯୁକ୍ତ ସ୍ଥାଳୀପାକ(ଭାତ, ଖେଚୁଡ଼ି, ଖିରି,ଲଡ୍ଡୁ, ମୋହନଭୋଗ ଆଦି) ଦ୍ୱାରା ବା ଅଭାବରେ କେବଳ ଘୃତ ଦ୍ୱାରା ତିନୋଟି ଆହୁତି ଦେବେ ।

**ଓ୩ମ୍ ଅଗ୍ନୟେ ସ୍ୱାହା ॥ ୧ ॥**

**ଓ୩ମ୍ ଇନ୍ଦ୍ରାଗ୍ନୀଭ୍ୟାଂ ସ୍ୱାହା ॥ ୨ ॥**

**ଓ୩ମ୍ ବିଷ୍ଣବେ ସ୍ୱାହା ॥ ୩ ॥**

**ପଦାର୍ଥ — (ଅଗ୍ନୟେ)** ପ୍ରକାଶସ୍ୱରୂପ, ଦୋଷବିନାଶକ, ଦୁଃଖଦାହକ ପରମେଶ୍ୱରଙ୍କ ପ୍ରାପ୍ତି ନିମନ୍ତେ ଭୌତିକ ଅଗ୍ନି ଦ୍ୱାରା ସଂସାରର ଉନ୍ନତି ଉଦ୍ଦେଶ୍ୟରେ **(ସ୍ୱାହା)** ତ୍ୟାଗ ଭାବନାରେ ଏ ଆହୁତି ପ୍ରଦାନ କରୁଛି ॥ ୧ ॥

**(ଇନ୍ଦ୍ର-ଅଗ୍ନୀଭ୍ୟାମ୍)** ପରମୈଶ୍ୱର୍ଯ୍ୟବାନ୍, ପ୍ରକାଶସ୍ୱରୂପ ପରମାତ୍ମାଙ୍କ ପ୍ରାପ୍ତି ନିମନ୍ତେ ବିଜୁଳି ଓ ଅଗ୍ନିର ସଦୁପଯୋଗ

ଦ୍ୱାରା ସଂସାରର କଲ୍ୟାଣ ଉଦ୍ଦେଶ୍ୟରେ **(ସ୍ୱାହା)** ଏ ଆହୁତି ପ୍ରଦାନ କରୁଛି ॥ ୨ ॥

**(ବିଷ୍ଣବେ)** ସର୍ବବ୍ୟାପକ ପରମେଶ୍ୱରଙ୍କ ନିମନ୍ତେ ସ୍ୱ ପ୍ରକାଶକୁ ଜଗତରେ ବ୍ୟାପକ କରିଥିବା ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ, ସୂର୍ଯ୍ୟାଲୋକ ଦ୍ୱାରା ଚରାଚର ଜଗତର କଲ୍ୟାଣ କାମନାରେ **(ସ୍ୱାହା)** ଏ ଆହୁତି ପ୍ରଦାନ କରୁଛି ।

**ଭାବାର୍ଥ —** କୃଷ୍ଣପକ୍ଷ ରାତ୍ରିର ଆରମ୍ଭରେ ସୋମ ଅର୍ଥାତ୍ ଚନ୍ଦ୍ରମାର ସମ୍ପର୍କ ନ ଥାଏ ଏବଂ ଅମାବାସ୍ୟାର ରାତ୍ରିରେ ଚନ୍ଦ୍ରର ଦର୍ଶନ ନ ଥାଏ, ଚନ୍ଦ୍ରକିରଣ ଆଦୌ ଉପଲବ୍ଧ ହୁଏ ନାହିଁ । ଅତଃ ଅମାବାସ୍ୟା ରାତ୍ରିର ପ୍ରଧାନ ଦେବତା ଅଗ୍ନି ଓ ଇନ୍ଦ୍ର ଅର୍ଥାତ୍ ବିଜୁଳି ଏବଂ ଦିନର ଦେବତା ବିଷ୍ଣୁ ଅର୍ଥାତ୍ ସ୍ୱ ପ୍ରକାଶକୁ ସର୍ବତ୍ର ବ୍ୟାପକ କରିଥିବା ସୂର୍ଯ୍ୟ । ଅତଃ ଅମାବାସ୍ୟା ଦିନ ଅହୋରାତ୍ରର ତିନୋଟି ଦେବତା ନିମନ୍ତେ ପ୍ରଧାନ ରୂପେ ଆହୁତି ଦେବାର ବିଧାନ କରାଯାଇଛି ତଥା ଏସବୁ ଦ୍ୱାରା ଯଜ୍ଞାହୁତି ମାଧ୍ୟମରେ ଜୀବଜଗତର କଲ୍ୟାଣ ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି । କହିବା ବାହୁଲ୍ୟ ଯେ ଏ ତିନୋଟି ଶବ୍ଦ (ଅଗ୍ନି, ଇନ୍ଦ୍ର ଓ ବିଷ୍ଣୁ) ମୁଖ୍ୟ ଦେବ ପରମାତ୍ମାଙ୍କ ତେଜ, ଐଶ୍ୱର୍ଯ୍ୟ ଓ ବ୍ୟାପକତା ଗୁଣର ପ୍ରକାଶକ, ଯିଏ କି ଜୀବାତ୍ମାର ମୁଖ୍ୟ ଲକ୍ଷ୍ୟ । ଜଗତର କଲ୍ୟାଣ ସାଧନର ମୁଖ୍ୟ ପ୍ରୟୋଜନ ଈଶ୍ୱର ପ୍ରାପ୍ତି ।

ନିମ୍ନଲିଖିତ ଚାରୋଟି ମନ୍ତ୍ରରେ ଚାରୋଟି ଘୃତାହୁତି ଦେବେ ।

**ଓ୩ମ୍ ଭୂରଗ୍ନୟେ ସ୍ୱାହା ॥ ଇଦମଗ୍ନୟେ - ଇଦଂ ନ ମମ ॥ ୧ ॥**

**ଓ୩ମ୍ ଭୁବର୍ବାୟବେ ସ୍ୱାହା ॥ ଇଦଂ ବାୟବେ - ଇଦଂ ନ ମମ ॥ ୨ ॥**

**ଓ୩ମ୍ ସ୍ୱରାଦିତ୍ୟାୟ ସ୍ୱାହା ॥ ଇଦମାଦିତ୍ୟାୟ- ଇଦଂ ନ ମମ ॥ ୩ ॥**

**ଓ୩ମ୍ ଭୂର୍ଭୁବଃ ସ୍ୱରଗ୍ନିବାୟ୍ୱାଦିତ୍ୟେଭ୍ୟଃ ସ୍ୱାହା ॥ ଇଦମଗ୍ନିବାୟ୍ୱାଦିତ୍ୟେଭ୍ୟଃ - ଇଦଂ ନ ମମ ॥ ୪ ॥**

ତତ୍ପରେ ନିମ୍ନ ମନ୍ତ୍ର ତିନି ଥର ଉଚ୍ଚାରଣ କରି ପ୍ରତ୍ୟେକ ଥର ଗୋଟିଏ ଲେଖାଏଁ କରି ତିନୋଟି ପୂର୍ଣ୍ଣାହୁତି ଦେବେ ।

**ଓ୩ମ୍ ସର୍ବଂ ବୈ ପୂର୍ଣ୍ଣଂ ସ୍ୱାହା ॥**

**॥ ଇତି ଦର୍ଶେଷ୍ଟିବିଧିଃ ସମାପ୍ତଃ ॥**

## ଅଥ ପୌର୍ଣ୍ଣମାସେଷ୍ଟିବିଧିଃ

ପୂର୍ଣ୍ଣମା ତିଥିରେ ଯଜ୍ଞ କଲେ **'ଯଜ୍ଞବିଧି'** ଅନ୍ତର୍ଗତ **'ଅଗ୍ନେ ନୟ ସୁପଥା...'** ପର୍ଯ୍ୟନ୍ତ ଆହୁତି ଦେବା ପରେ ନିମ୍ନ ତିନୋଟି ମନ୍ତ୍ରରେ ଘୃତମିଶ୍ରିତ ସ୍ଥାଳୀପାକ(ଭାତ, ଖେଚୁଡ଼ି, ଖିରି,ଲଡୁ, ମୋହନଭୋଗ ଆଦି) ଦ୍ୱାରା ବା ଅଭାବରେ କେବଳ ଘୃତ ଦ୍ୱାରା ତିନୋଟି ଆହୁତି ଦେବେ ।

**ଓ୩ମ୍ ଅଗ୍ନୟେ ସ୍ୱାହା ॥ ୧ ॥**

**ଓ୩ମ୍ ଅଗ୍ନୀଷୋମାଭ୍ୟାଂ ସ୍ୱାହା ॥ ୨ ॥**

**ଓ୩ମ୍ ବିଷ୍ଣବେ ସ୍ୱାହା ॥ ୩ ॥**

**ପଦାର୍ଥ —** ପ୍ରଥମ ଓ ତୃତୀୟ ମନ୍ତ୍ରର ଅର୍ଥ ଦର୍ଶେଷ୍ଟିରେ ଦିଆଯାଇଛି । ଦ୍ୱିତୀୟ ମନ୍ତ୍ରର ଅର୍ଥ ହେଲା — **(ଅଗ୍ନିଷୋମାଭ୍ୟାମ୍)** ପ୍ରକାଶସ୍ୱରୂପ, ଆନନ୍ଦସ୍ୱରୂପ ଓ ଆନନ୍ଦଦାୟକ ପରମାତ୍ମାଙ୍କ ପ୍ରାପ୍ତି ନିମନ୍ତେ ଅଗ୍ନି ଓ ଚନ୍ଦ୍ରକିରଣର ସର୍ବୋତ୍କୃଷ୍ଟ ଉପଯୋଗ ଦ୍ୱାରା ସଂସାରର କଲ୍ୟାଣ ଉଦ୍ଦେଶ୍ୟରେ **(ସ୍ୱାହା)** ଏ ଆହୁତି ପ୍ରଦାନ କରୁଛି ।

**ଭାବାର୍ଥ —** ଶୁକ୍ଳପକ୍ଷର ଆରମ୍ଭରେ ସୋମ ଅର୍ଥାତ୍ ଚନ୍ଦ୍ରର ସମ୍ବନ୍ଧ ଥାଏ, ତା'ର କଳା ନିରନ୍ତର ବୃଦ୍ଧି ପାଇଚାଲେ, ପୂର୍ଣ୍ଣମୀ ରାତ୍ରିରେ ପୂର୍ଣ୍ଣଚନ୍ଦ୍ରର ପ୍ରକାଶ ମିଳେ । ଏଣୁ ପୂର୍ଣ୍ଣିମା ରାତ୍ରିର ପ୍ରଧାନ ଦେବତା ସୋମ ବା ଚନ୍ଦ୍ର । ଅଗ୍ନି ତ ସାମାନ୍ୟ ରୂପେ ଉଭୟ ରାତ୍ରିର । ଅମାବାସ୍ୟା ଭଳି ପୂର୍ଣ୍ଣିମାରେ ବି ଦିନର ଦେବତା, ପ୍ରକାଶଦାତା ହେଲେ ସୂର୍ଯ୍ୟ । ଏଣୁ ପୂର୍ଣ୍ଣିମାରେ ଏଭଳି ବିଧାନ କରାଯାଇଛି ।

ତା' ପରେ ଚରୋଟି **ବ୍ୟାହୃତ୍ୟାହୁତି** ଏବଂ ତିନୋଟି **ପୂର୍ଣ୍ଣାହୁତି** ଦେବେ ।

**ଓମ୍ ସର୍ବଂ ବୈ ପୂର୍ଣ୍ଣଂ ସ୍ୱାହା ॥**

**॥ ଇତି ପୌର୍ଣ୍ଣମାସେଷ୍ଟିବିଧିଃ ସମାପ୍ତଃ ॥**

❖❖❖

**୨୨ ପୃଷ୍ଠାର ଅବଶିଷ୍ଟାଂଶ**

କହିଲେ — 'ମୁଁ ଅନ୍ତ ପାଇଯାଇଛି ।' ବିଷ୍ଣୁ କହିଲେ — 'କିଏ ସାକ୍ଷୀ ଅଛି ?' ସେତେବେଳେ ଗାଈ ଓ ଗଛ ଦୁହେଁ ସାକ୍ଷ୍ୟ ଦେଇ କହିଲେ — 'ଆମେ ଦୁହେଁ ଲିଙ୍ଗର ଶିର ପାଖରେ ଥିଲୁ ।' ସେ ସମୟରେ ଲିଙ୍ଗ ମଧ୍ୟରୁ ଶବ୍ଦ ବାହାରିଲା ଓ ଦୁହିଁଙ୍କୁ ଅଭିଶାପ ଦେଲା । କେତକୀ ବୃକ୍ଷକୁ ଶାପ ଦେଲା — 'ହେ ବୃକ୍ଷ ! ଯେହେତୁ ତୁ ମିଛ କହିଲୁ, ତେଣୁ ତୋର ଫୁଲ ମୋ ଉପରେ ବା ଅନ୍ୟ କୌଣସି ଦେବତାଙ୍କ ଉପରେ ଜଗତରେ କେହି କେଉଁଠି ଚଢ଼ାଇବେ ନାହିଁ । ଆଉ ଯଦି କେହି ଚଢ଼ାଏ ତେବେ ତା'ର ସତ୍ୟାନାଶ ହେବ ।' ଗାଈକୁ ଶାପ ଦେଲା ଯେ — 'ଯେଉଁ ମୁଖରେ ତୁ ମିଛ କହିଲୁ, ସେ ମୁହଁରେ ତୁ ବିଷ୍ଠା ଖାଇବୁ । ତୋର ମୁହଁକୁ କେହି ପୂଜା କରିବେ ନାହିଁ, ଲାଞ୍ଜକୁ ପୂଜା କରିବେ ।' ପୁଣି ବ୍ରହ୍ମାଙ୍କୁ ଶାପ ଦେଲା — 'ଯେହେତୁ ତୁମେ ମିଛ କହିଲ, ତେଣୁ ସଂସାରରେ କେହି ତୁମକୁ ପୂଜା କରିବେ ନାହିଁ ।' ତା'ସହ ବିଷ୍ଣୁଙ୍କୁ ବର ଦେଲା — 'ଯେହେତୁ ତୁମେ ସତ କହିଲ, ଏଣୁ ସର୍ବତ୍ର ତୁମର ପୂଜା ହେବ ।'

ତା'ପରେ ବ୍ରହ୍ମା ଓ ବିଷ୍ଣୁ ଉଭୟେ ଲିଙ୍ଗକୁ ସ୍ତୁତି କଲେ । ସେମାନଙ୍କ ସ୍ତୁତିରେ ପ୍ରସନ୍ନ ହୋଇ ଲିଙ୍ଗ ମଧ୍ୟରୁ ଏକ ଜଟାଜୁଟଧାରୀ ମୂର୍ତ୍ତି ବାହାରି ଆସି କହିଲେ — 'ସୃଷ୍ଟି ରଚନା ପାଇଁ ମୁଁ ତୁମ ଦୁହିଁଙ୍କୁ ପଠାଇଥିଲି, ତୁମେ ଦୁହେଁ କଳିରେ କାହିଁକି ମାତିଲ ?' ବ୍ରହ୍ମା ଓ ବିଷ୍ଣୁ କହିଲେ — 'ବିନା ସାମଗ୍ରୀରେ ଆମେ ସୃଷ୍ଟି ରଚନା କିପରି କରିବୁ ?' ସେତେବେଳେ ମହାଦେବ ନିଜ ଜଟାରୁ ଏକ ଭସ୍ମ ପିଣ୍ଡୁଳା ବାହାର କରି ଦେଲେ ଓ କହିଲେ — 'ଯାଅ, ଏହାକୁ ନେଇ ଏଥିରୁ ସମଗ୍ର ସୃଷ୍ଟି ନିର୍ମାଣ କର' ଇତ୍ୟାଦି ।

ଏହି ପୁରାଣକାର ପୋପମାନଙ୍କୁ କେହି ଭଲା ପଚାରିବା ଉଚିତ ଯେ ସୃଷ୍ଟି ରଚନା ପୂର୍ବରୁ ଯେତେବେଳେ ସୃଷ୍ଟିର ମୂଳତତ୍ତ୍ୱ ଓ ପଞ୍ଚମହାଭୂତ ମଧ୍ୟ ବିଦ୍ୟମାନ ନଥିଲା, ସେତେବେଳେ ବ୍ରହ୍ମା, ବିଷ୍ଣୁ ଓ ମହାଦେବଙ୍କ ଶରୀର; ଜଳ, ପଦ୍ମ, ଲିଙ୍ଗ, ଗାଈ ଓ କେତକୀ ବୃକ୍ଷ ତଥା ଭସ୍ମ ପିଣ୍ଡୁଳା କ'ଣ ତୁମ ବାପାଙ୍କ ଘରୁ ଆସିଥିଲା ?

**କ୍ରମଶଃ.....**

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ପୂର୍ବାନୁକ୍ରମିକ... **ମହର୍ଷି ଦୟାନନ୍ଦ ସରସ୍ୱତୀ**

**ପ୍ରଶ୍ନ —** ବିନ୍ଧ୍ୟାଚଳରେ 'ବିନ୍ଧ୍ୟେଶ୍ୱରୀ', 'କାଳୀ', 'ଅଷ୍ଟଭୁଜା' ଏମାନେ ପ୍ରତ୍ୟକ୍ଷ ସତ୍ୟ ଦେବତା । ବିନ୍ଧ୍ୟେଶ୍ୱରୀ ତିନି ସମୟରେ ତିନି ରୂପ ଧାରଣ କରନ୍ତି । ତାଙ୍କ ମନ୍ଦିର ବେଢ଼ା ମଧ୍ୟରେ ଗୋଟିଏ ବି ମାଛି ରହେ ନାହିଁ । **'ପ୍ରୟାଗ'** ତୀର୍ଥରାଜ ଅଟେ । ସେଠାରେ ମୁଣ୍ଡନ ହେଲେ ମନୋରଥ ସିଦ୍ଧ ହୁଏ, ଗଙ୍ଗା-ଯମୁନାର ସଙ୍ଗମରେ ସ୍ନାନ କଲେ ମନସ୍କାମନା ପୂର୍ଣ୍ଣ ହୁଏ । ସେହିପରି **'ଅଯୋଧ୍ୟା'** ପୂରା ନଗର ସହିତ ଅନେକ ଥର ଉଡ଼ି ସ୍ୱର୍ଗକୁ ଯାଇଛି । **'ମଥୁରା'** ଅନ୍ୟସବୁ ତୀର୍ଥଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । **'ବୃନ୍ଦାବନ'** ଭଗବାନଙ୍କ ଲୀଳାସ୍ଥାନ ଓ **ଗୋବର୍ଦ୍ଧନ** ବ୍ରଜଯାତ୍ରା ବହୁତ ଭାଗ୍ୟରେ ଥିଲେ ଘଟେ । ସୂର୍ଯ୍ୟପରାଗରେ **କୁରୁକ୍ଷେତ୍ର**ରେ ଲକ୍ଷ-ଲକ୍ଷ ଲୋକଙ୍କ ସମାଗମ ହୁଏ । କ'ଣ ଏସବୁ କଥା ମିଥ୍ୟା ?

**ଉତ୍ତର —** ପ୍ରତ୍ୟକ୍ଷରେ ତ ତିନିଟି ମୂର୍ତ୍ତି ଦେଖାଯାଉଛି । ଏସବୁ ପଥରର ମୂର୍ତ୍ତି । ତିନି କାଳରେ ତିନି ପ୍ରକାର ରୂପ ଦେଖାଯିବାର କାରଣ ହେଲା ପ୍ରତିମାକୁ ଭିନ୍ନ-ଭିନ୍ନ ସମୟରେ ଭିନ୍ନ-ଭିନ୍ନ ପ୍ରକାରେ ବସ୍ତ୍ରାଳଙ୍କାର ପିନ୍ଧାଇବାର ପୂଜାରୀମାନଙ୍କ କୌଶଳ । ଆଉ ମନ୍ଦିର ବେଢ଼ାରେ ମାଛି ହୁଅନ୍ତିନି ବୋଲି ଯେଉଁ କଥା କହିଲେ ତାହା ଠିକ୍ ନୁହେଁ । ମୁଁ ନିଜ ଆଖିରେ ଦେଖିଛି ସେଠାରେ ତ ହଜାରେ କ'ଣ ଲକ୍ଷ-ଲକ୍ଷ ସଂଖ୍ୟାରେ ମାଛି ଭର୍ତ୍ତି ।

ପ୍ରୟାଗରେ ଶ୍ଳୋକ ରଚନା ଜାଣିଥିବା କୌଣସି ନାପିତ ମୁଣ୍ଡନର ମାହାତ୍ମ୍ୟ ବିଷୟରେ ଶ୍ଳୋକ ରଚନା କରିଥିବ କିମ୍ବା ପୋପ୍ ମହାରାଜଙ୍କୁ କିଛି ଦାନ-ଦକ୍ଷିଣା ଦେଇ ତାଙ୍କ ଦ୍ୱାରା ମୁଣ୍ଡନ-ମାହାତ୍ମ୍ୟ ଶ୍ଳୋକ ରଚନା କରାଇଥିବ । ପ୍ରୟାଗରେ ସ୍ନାନ କଲେ ଯଦି ଲୋକେ ସ୍ୱର୍ଗକୁ ଯାଉଥାନ୍ତେ, ତେବେ କେହି ଆଉ ଘରକୁ ଫେରୁ ନ ଥାନ୍ତେ; କିନ୍ତୁ ସମସ୍ତେ ତ ଘରକୁ ଫେରିଆସୁଥିବା ଦେଖାଯାଉଛି । ଆଉ ଯଦି କେହି ସେଠାରେ ବୁଡ଼ି ମରିଯାଉଥିବ, ତେବେ ତାହାର ଆତ୍ମା ବି ଆକାଶରେ ବାୟୁ ସହ ଘୂରି-ଘୂରି ପୁଣି ଜନ୍ମଗ୍ରହଣ କରୁଥିବ । ପ୍ରୟାଗକୁ ତୀର୍ଥରାଜ ବୋଲି ମଧ୍ୟ ପରସ୍ୱ ଅପହରଣକାରୀ ପୋପ୍‌ମାନେ ପ୍ରଚରିତ କରିଛନ୍ତି । ଜଡ଼ ପଦାର୍ଥରେ ରାଜା-ପ୍ରଜାଭାବ କେବେ ବି ପ୍ରଯୁଜ୍ୟ ହୋଇପାରେ ନାହିଁ ।

ଏହା ତ ବଡ଼ ଅସମ୍ଭବ କଥା ଯେ ଅଯୋଧ୍ୟା ନଗରୀ ସାହି-ବସ୍ତି, କୁକୁର, ଗଧ, ମେହେନ୍ତର, ଚମାର, ନାଳ-ନର୍ଦ୍ଦମା ଆଦି ସମେତ ତିନି ଥର ସ୍ୱର୍ଗକୁ ଯାଇଛି । ଅଯୋଧ୍ୟା ତ ସ୍ୱର୍ଗକୁ ଯାଇନାହିଁ, ଯେଉଁଠି ଥିଲା ବର୍ତ୍ତମାନ ବି ସେଇଠି ଅଛି; କିନ୍ତୁ ପୋପ୍‌ଙ୍କ ମୁଖନିଃସୃତ ଗପରେ 'ଅଯୋଧ୍ୟା ସ୍ୱର୍ଗକୁ ଉଡ଼ିଯାଇଛି' । ଏହି ମିଥ୍ୟା ଗପ ଶବ୍ଦ ରୂପରେ ଉଡ଼ିବୁଲିଛି । ଏହିପରି ହିଁ **ନୈମିଷ୍ୟାରଣ୍ୟ** ଆଦି ସମ୍ବନ୍ଧରେ ଶୁଣାଯାଉଥିବା ମାହାତ୍ମ୍ୟକୁ ମଧ୍ୟ ପୋପ୍‌ଲୀଳା ବୋଲି ହିଁ ବୁଝିବା ଉଚିତ ।

**'ମଥୁରା ତିନି ଲୋକରେ ଅନୁପମ'** ତ ନୁହେଁ; କିନ୍ତୁ ସେଠାରେ ତିନୋଟି ଜନ୍ତୁ ବଡ଼ ଲୀଳାଧାରୀ, ଯାହାଙ୍କ ଉପଦ୍ରବରେ ଜଳ, ସ୍ଥଳ ଓ ଆକାଶରେ ବି କାହାକୁ ସୁଖ ମିଳିବା କଷ୍ଟକର । ପ୍ରଥମ ହେଲେ **ଚୌବେ** ଅର୍ଥାତ୍ ପଣ୍ଡା - ଯେ କୌଣସି ଲୋକ ସ୍ନାନ ପାଇଁ ଗଲେ, ନିଜ ପାଉଣା ଅସୁଲ କରିବା ପାଇଁ ଠିଆ ହୋଇ ଚିତ୍କାର କରୁଥାନ୍ତି — 'ଆଣ ଯଜମାନ ଆମ ପାଉଣା, ଦାନ-ଦକ୍ଷିଣା ! ଭାଙ୍ଗପଣା ପିଇବୁ ଓ ମିଠେଇ ଖାଇବୁ । ଯଜମାନର କଲ୍ୟାଣ କାମନା, ଜୟ-ଜୟକାର କରିବୁ ।' **ଦ୍ୱିତୀୟ ହେଲେ ପାଣିରେ ଥିବା କଇଁଛ** - ପାଣିରେ ପଶିବା ମାତ୍ରେ କାମୁଡ଼ି ଖାଇଗୋଡ଼ାନ୍ତି ।

ଏମାନଙ୍କ ଦାଉରେ ଘାଟରେ ସ୍ନାନ କରିବା ବି ବଡ଼ କଷ୍ଟକର । **ତୃତୀୟ ହେଉଛନ୍ତି ଉପରେ ଥିବା ରକ୍ତମୁଖ ବାନର** - ଏମାନେ ଯାତ୍ରୀଙ୍କ ପଗଡ଼ି, ଟୋପି, ଗହଣା ଆଦି ନେଇଯାନ୍ତି; ଏପରିକି ଜୋତା ମଧ୍ୟ ଛାଡ଼ନ୍ତି ନାହିଁ । କାମୁଡ଼ି ଗୋଡ଼ାନ୍ତି, ଠେଲି ଦେଇ ତଳେ ପକାଇ ଦିଅନ୍ତି, ଜୀବନରେ ମାରି ବି ଦିଅନ୍ତି । ଆଉ ଏ ତିନି ଜଣ ଯାକ ପୋପ୍ ଓ ପୋପ୍‌ଙ୍କ ଚେଲାମାନଙ୍କ ପୂଜନୀୟ ଅଟନ୍ତି । ମହଣ-ମହଣ ଚଣା ଆଦି ଖାଦ୍ୟ କଇଁଛମାନଙ୍କୁ, ଚଣା-ଗୁଡ଼ ଆଦି ମାଙ୍କଡ଼ମାନଙ୍କୁ ଏବଂ ଚୌବେମାନଙ୍କୁ ଦକ୍ଷିଣା ଓ ମିଠେଇ ଦେଇ ସେମାନଙ୍କ ସେବକମାନେ ସେବା କରନ୍ତି ।

ବୃନ୍ଦାବନ ଯେତେବେଳେ ପବିତ୍ର ଥିବ ସେତେବେଳେ ଥିବ । ବର୍ତ୍ତମାନ ତ ତାହା ବେଶ୍ୟାବନ ଭଳି ଲଲ୍ଲା-ଲଲ୍ଲୀ (ପୁଅ-ଝିଅ), ଗୁରୁ-ଚେଲୀ ଆଦିଙ୍କ ଲୀଳା ପ୍ରସାରର କେନ୍ଦ୍ର ହୋଇଯାଇଛି । ସେହିପରି ଦୀପାବଳୀ ମେଳା, ଗୋବର୍ଦ୍ଧନ ଓ ବ୍ରଜ-ଯାତ୍ରାରେ ମଧ୍ୟ ପୋପ୍‌ମାନଙ୍କ ଭଲ ରୋଜଗାର ହୁଏ । **କୁରୁକ୍ଷେତ୍ର**ରେ ମଧ୍ୟ ସେଇ ଜୀବିକାର ଲୀଳା ଲାଗିଛି । ଏସବୁ ସ୍ଥାନରେ ଯେଉଁ ଧାର୍ମିକ, ପରୋପକାରୀ ବ୍ୟକ୍ତିମାନେ ଅଛନ୍ତି, ସେମାନେ ଏସବୁ ପୋପ୍‌ଲୀଳାରୁ ଅଲଗା ରହିଥାନ୍ତି ।

**ପ୍ରଶ୍ନ —** ଏହି ମୂର୍ତ୍ତିପୂଜା ଓ ତୀର୍ଥ ସନାତନ ପରମ୍ପରାକ୍ରମେ ଚାଲିଆସୁଛି । ଏସବୁ କେମିତି ମିଥ୍ୟା ହୋଇପାରିବ ?

**ଉତ୍ତର —** ତୁମେ ସନାତନ ବୋଲି କାହାକୁ କହୁଛ ?

**ପ୍ରଶ୍ନ —** ଯାହା ଆବହମାନ କାଳରୁ ଚଳିଆସୁଛି ।

**ଉତ୍ତର — ଯଦି ଏ ମୂର୍ତ୍ତିପୂଜା ଓ ତୀର୍ଥ ସୃଷ୍ଟି ଆରମ୍ଭରୁ ପ୍ରଚଳିତ ଥାଆନ୍ତା ତେବେ ବେଦ ଏବଂ ଋଷିମୁନିକୃତ ବ୍ରାହ୍ମଣାଦି ଗ୍ରନ୍ଥରେ ଏସବୁର ଚିହ୍ନବର୍ଣ୍ଣ ବି କାହିଁକି ନାହିଁ? ଏହି ମୂର୍ତ୍ତିପୂଜା ପ୍ରାୟ ଅଢ଼େଇ-ତିନି ହଜାର ବର୍ଷ ହେବ ବାମମାର୍ଗୀ ଓ ଜୈନମାନଙ୍କ ଦ୍ୱାରା ପ୍ରଚଳିତ ହୋଇଛି । ଆର୍ଯ୍ୟାବର୍ତ୍ତରେ ପ୍ରଥମରୁ ମୂର୍ତ୍ତିପୂଜା ନ ଥିଲା କି ଏସବୁ ତୀର୍ଥ ବି ନ ଥିଲା ।** ଯେତେବେଳେ ଜୈନମାନେ ଗିରନାର୍, ପାଲିଟାନା, ଶିଖର, ଶତ୍ରୁଞ୍ଜୟ ଓ ଆବୁ ପ୍ରଭୃତି ତୀର୍ଥ ସୃଷ୍ଟି କଲେ, ସେମାନଙ୍କ ଅନୁକରଣରେ ପୌରାଣିକମାନେ ମଧ୍ୟ ବିଭିନ୍ନ ସ୍ଥାନକୁ ତୀର୍ଥ ମାନିବାକୁ ଲାଗିଲେ । ଯଦି କେହି ଏସବୁର ଆରମ୍ଭ ବିଷୟରେ ଅନ୍ୱେଷଣ କରିବାକୁ ଚାହାନ୍ତି, ତେବେ ସେମାନେ ପଣ୍ଡାମାନଙ୍କ ପ୍ରାଚୀନରୁ ପ୍ରାଚୀନ ପୁସ୍ତକ, ତମ୍ବାପଟାର ଲେଖା ଆଦି ଦେଖନ୍ତୁ । ତେବେ ସେମାନଙ୍କୁ ନିଶ୍ଚିତ ଜଣାପଡ଼ିବ ଯେ **ଏସବୁ ତୀର୍ଥ ପାଞ୍ଚ ଶହ କି ହଜାରେ ବର୍ଷ ଭିତରେ ହିଁ ସ୍ଥାପିତ ହୋଇଛି ।** ହଜାରେ ବର୍ଷ ପୂର୍ବରୁ ଏସବୁକୁ ତୀର୍ଥ କୁହାଯାଉଥିବା ଲେଖା କାହା ପାଖରେ ନାହିଁ । ଅତଏବ ଏସବୁ ସନାତନ ନୁହନ୍ତି, ଅର୍ବାଚୀନ ।

**ପ୍ରଶ୍ନ —** ତୀର୍ଥ ବା ନାମର ମାହାତ୍ମ୍ୟ ବିଷୟରେ ଯାହାସବୁ କୁହାଯାଇଛି; ଯଥା — **ଅନ୍ୟକ୍ଷେତ୍ରେ କୃତଂ ପାପଂ କାଶୀକ୍ଷେତ୍ରେ ବିନଶ୍ୟତି** (କାଶୀମାହାତ୍ମ୍ୟ, କାଶୀଖଣ୍ଡ) ଇତ୍ୟାଦି, ସେସବୁ ସତ ନା ନାହିଁ ?

**ଉତ୍ତର —** ନା, ସତ ନୁହେଁ । କାରଣ କୌଣସି ତୀର୍ଥରେ ଯଦି ବ୍ୟକ୍ତିର ପାପ କ୍ଷୟ ହୋଇଯାଉଥାନ୍ତା, ତେବେ ଦରିଦ୍ରକୁ ଧନ, ରାଜପଦ; ଅନ୍ଧକୁ ଆଖି ମିଳିଯାଉଥାନ୍ତା । କୁଷ୍ଠରୋଗୀଙ୍କ କୁଷ୍ଠ ଆଦି ରୋଗ ଭଲ ହୋଇଯାଉଥାନ୍ତା; କିନ୍ତୁ ଏମିତି ତ ହେଉ ନାହିଁ । ସୁତରାଂ ବିନା ଫଳଭୋଗରେ ପାପ କି ପୁଣ୍ୟ କାହାରି କେବେ କ୍ଷୟ ହୁଏ ନାହିଁ ।

## ଗଙ୍ଗାସ୍ନାନ ସମୀକ୍ଷା

**ପ୍ରଶ୍ନ — ଗଙ୍ଗା ଗଙ୍ଗେତି ଯୋ ବ୍ରୂୟାଦ୍ ଯୋଜନାନାଂ ଶତୈରପି ।**
**ମୁଚ୍ୟତେ ସର୍ବପାପେଭ୍ୟୋ ବିଷ୍ଣୁଲୋକଂ ସ ଗଚ୍ଛତି ॥ ୧ ॥**

(ବ୍ରହ୍ମ. ୧୭୫:୮୨, ପଦ୍ମ. ଉତ୍ତର. ୨୩:୨)

**ହର୍ରିହରତି ପାପାନି ହରିରିତ୍ୟକ୍ଷରଦ୍ୱୟମ୍ ॥ ୨ ॥** (ପଦ୍ମ. ଉତ୍ତର. ୭୨:୧୨)

**ପ୍ରାତଃକାଲେ ଶିବଂ ଦୃଷ୍ଟ୍ୱା ନିଶିପାପଂ ବିନଶ୍ୟତି ।**
**ଆଜନ୍ମକୃତଂ ମଧ୍ୟାହ୍ନେ ସାୟାହ୍ନେ ସପ୍ତଜନ୍ମନାମ୍ ॥ ୩ ॥**

(ତୀର୍ଥ ଦର୍ପଣ ପଣ୍ଡାଅର୍ପଣ - ପରିଚ୍ଛେଦ ୨)

ଯେ କୌଣସି ବ୍ୟକ୍ତି ଗଙ୍ଗାଠାରୁ ଶହ-ଶହ, ହଜାର-ହଜାର କୋଶ ଦୂରରେ ରହି ମଧ୍ୟ ଯଦି ଗଙ୍ଗା-ଗଙ୍ଗା ବୋଲି କହେ, ତେବେ ତା'ର ସକଳ ପାପ ନଷ୍ଟ ହୋଇ ସେ ବିଷ୍ଣୁଲୋକ ଅର୍ଥାତ୍ ବୈକୁଣ୍ଠକୁ ଗମନ କରେ ॥ ୧ ॥

'ହରି' ଏ ଦୁଇ ଅକ୍ଷର ବିଶିଷ୍ଟ ନାମୋଚ୍ଚାରଣ ସବୁ ପାପକୁ ହରଣ କରିଦିଏ । ସେହିପରି ରାମ, କୃଷ୍ଣ, ଶିବ, ଭଗବତୀ ଆଦି ନାମର ମାହାତ୍ମ୍ୟ ଅଛି ॥ ୨ ॥

ଯେଉଁ ଲୋକ ପ୍ରାତଃକାଳରେ 'ଶିବ' ଅର୍ଥାତ୍ ଶିବଲିଙ୍ଗ ବା ଶିବମୂର୍ତ୍ତି ଦର୍ଶନ କରେ ତା'ର ରାତ୍ରିକୃତ ପାପ, ଯିଏ ମଧ୍ୟାହ୍ନରେ ଦର୍ଶନ କରେ ତା'ର ସାରା ଜନ୍ମର ପାପ ଏବଂ ସାୟଂକାଳରେ ଦର୍ଶନ କଲେ ସାତ ଜନ୍ମର ପାପ ଧୋଇ ହୋଇଯାଏ ॥ ୩ ॥ ଏହା ହେଲା ଦର୍ଶନର ମାହାତ୍ମ୍ୟ । ଏହା କ'ଣ ମିଛ ହୋଇଯିବ ?

**ଉତ୍ତର —** ମିଛ ହେବାରେ ସନ୍ଦେହ କ'ଣ ? କାରଣ ଗଙ୍ଗା-ଗଙ୍ଗା ବା ହରି, ରାମ, କୃଷ୍ଣ, ନାରାୟଣ, ଶିବ ଓ ଭଗବତୀ ପ୍ରଭୃତି ନାମ ଉଚ୍ଚାରଣ କଲେ ପାପ କେବେ ବି କ୍ଷୟ ହୋଇଯାଏ ନାହିଁ । ଯଦି ପାପ ନଷ୍ଟ ହୋଇଯାଉଥାନ୍ତା ତେବେ ଦୁନିଆରେ କେହି ବି ଆଉ ଦୁଃଖୀ ହୋଇ ରହିନଥାନ୍ତେ । ଦ୍ୱିତୀୟରେ, ଏପରି ହେଲେ ପାପ କରିବାକୁ କେହି ବି ଭୟ କରିବେ ନାହିଁ, ଯେମିତିକି ପୋପଲୀଳା ଯୋଗୁଁ ଆଜିକାଲି ପାପ ବଢ଼ିଚାଲିଛି । କାରଣ ମୂଢ଼ଲୋକଙ୍କର ବିଶ୍ୱାସ ଯେ ଆମେ ପାପ କରି, ନାମ ଜପି ବା ତୀର୍ଥଯାତ୍ରା କରିଦେଲେ ଆମର ପାପ ସବୁ ଧୋଇ ହୋଇଯିବ । ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ସେମାନେ ପାପ କରି ଇହଲୋକ ଓ ପରଲୋକ ଉଭୟକୁ ନଷ୍ଟ କରୁଛନ୍ତି । **କିନ୍ତୁ ମନେରଖିବା ଉଚିତ ଯେ କୃତ ପାପର ଫଳ ଭୋଗିବାକୁ ହିଁ ପଡ଼ିଥାଏ ।**

## ନାମସ୍ମରଣ ଓ ତୀର୍ଥର ଫଳ

**ପ୍ରଶ୍ନ —** ତେବେ କୌଣସି ଯଥାର୍ଥ ତୀର୍ଥ, ନାମସ୍ମରଣ ଅଛି ନା ନାହିଁ ?

**ଉତ୍ତର —** ଅଛି । ବେଦାଦି ସତ୍ ଶାସ୍ତ୍ରର ପଠନ-ପାଠନ, ଧାର୍ମିକ ବିଦ୍ୱାନଙ୍କ ସଙ୍ଗ; ପରୋପକାର, ଧର୍ମାନୁଷ୍ଠାନ, ଯୋଗାଭ୍ୟାସ, ବୈରଶୂନ୍ୟତା, ନିଷ୍କପଟତା, ସତ୍ୟଭାଷଣ, ସତ୍ୟଗ୍ରହଣ, ସତ୍ୟାଚରଣ; ବ୍ରହ୍ମଚର୍ଯ୍ୟ; ଆଚାର୍ଯ୍ୟ, ଅତିଥି, ମାତା-ପିତାଙ୍କ ସେବା; ପରମେଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନା; ଶାନ୍ତି, ଜିତେନ୍ଦ୍ରିୟତା, ସୁଶୀଳତା, ଧର୍ମଯୁକ୍ତ ପୁରୁଷାର୍ଥ, ଜ୍ଞାନ-ବିଜ୍ଞାନ ଆଦି ଶୁଭ ଗୁଣ-କର୍ମ ଦୁଃଖରୁ ପରିତ୍ରାଣକାରୀ ଅଟନ୍ତି । ଏଣୁ ଏସବୁ ଯଥାର୍ଥତଃ **'ତୀର୍ଥ'** ଅଟନ୍ତି । କୌଣସି ଜଳ-ସ୍ଥଳମୟ ସ୍ଥାନ କଦାପି ତୀର୍ଥ ହୋଇନପାରେ । କାରଣ **'ଜନା ୟୈସ୍ତରନ୍ତି ତାନି ତୀର୍ଥାନି' —** ମନୁଷ୍ୟ ଯାହା ଦ୍ୱାରା ଦୁଃଖରୁ ଉଦ୍ଧାର ପାଇଯାଏ ସେସବୁର ନାମ **'ତୀର୍ଥ'** । ଜଳ-ସ୍ଥଳ ମନୁଷ୍ୟକୁ ତାରିପାରେ ନାହିଁ, ବରଂ ବୁଡ଼ାଇ ମାରିପାରେ । ବରଂ ନୌକା ଆଦିକୁ **'ତୀର୍ଥ'** କୁହାଯାଇପାରେ, କାରଣ ସେସବୁ ଦ୍ୱାରା ବି ସମୁଦ୍ର ଆଦିକୁ ପାର କରାଯାଏ ।

**ସମାନତୀର୍ଥେ ବାସୀ ॥ ୧ ॥** (ଅଷ୍ଟାଧ୍ୟାୟୀ. ୪:୪:୧୦୭)

**ନମସ୍ତୀର୍ଥ୍ୟାୟ ଚ ॥ ୨ ॥** (ଯଜୁଃ. ୧୬:୪୨)

ଯେଉଁ ବ୍ରହ୍ମଚାରୀମାନେ ଜଣେ ଆଚାର୍ଯ୍ୟଙ୍କଠାରୁ ଓ ଗୋଟିଏ ଶାସ୍ତ୍ର ଏକା ସାଥିରେ ପଢ଼ନ୍ତି, ସେମାନେ ସମସ୍ତେ ସତୀର୍ଥ ଅର୍ଥାତ୍ ସମାନତୀର୍ଥସେବୀ ଅଟନ୍ତି ॥ ୧ ॥

ଯେଉଁମାନେ ବେଦାଦି ଶାସ୍ତ୍ର ଓ ସତ୍ୟଭାଷଣାଦି ଧର୍ମ-ଲକ୍ଷଣଯୁକ୍ତ ସାଧୁ ଅଟନ୍ତି, ସେମାନଙ୍କୁ ଅନ୍ନାଦି ପଦାର୍ଥ ଦେବା ଏବଂ ସେମାନଙ୍କଠାରୁ ବିଦ୍ୟା ଗ୍ରହଣ କରିବା ଇତ୍ୟାଦିକୁ **'ତୀର୍ଥ'** କୁହାଯାଏ ॥ ୨ ॥

**'ନାମସ୍ମରଣ'** ଏହାକୁ କୁହାଯାଏ, ଯଥା — **'ଯସ୍ୟ ନାମ ମହଦ୍ୟଶଃ' ।** (ଯଜୁଃ. ୩୨:୩)

ପରମେଶ୍ୱରଙ୍କ ନାମ ସ୍ମରଣର ଅର୍ଥ ହେଲା ମହତ୍ 'ଯଶ' ଅର୍ଥାତ୍ କୀର୍ତ୍ତିଦାୟକ ଧର୍ମଯୁକ୍ତ କର୍ମର ଆଚରଣ କରିବା । ଯେମିତିକି ଗୁଣ-କର୍ମ-ସ୍ୱଭାବ ଅନୁସାରେ ପରମେଶ୍ୱରଙ୍କ ବ୍ରହ୍ମ, ପରମେଶ୍ୱର, ଈଶ୍ୱର, ନ୍ୟାୟକାରୀ, ଦୟାଳୁ, ସର୍ବଶକ୍ତିମାନ୍ ଇତ୍ୟାଦି ନାମ ରହିଛି । ଅର୍ଥାତ୍ — **'ବ୍ରହ୍ମ'** ମାନେ ସର୍ବବୃହତ୍; **'ପରମେଶ୍ୱର'** ଅର୍ଥାତ୍ ଈଶ୍ୱରଙ୍କ ଈଶ୍ୱର; **'ଈଶ୍ୱର'** ଅର୍ଥାତ୍ ସାମର୍ଥ୍ୟବାନ୍; **'ନ୍ୟାୟକାରୀ'** ଅର୍ଥାତ୍ ସଦା ନ୍ୟାୟପୂର୍ଣ୍ଣ ଆଚରଣ କରନ୍ତି, କେବେ ବି ଅନ୍ୟାୟ କରନ୍ତି ନାହିଁ; **'ଦୟାଳୁ'** ଅର୍ଥାତ୍ ସମସ୍ତଙ୍କ ଉପରେ କୃପାଦୃଷ୍ଟି ରଖନ୍ତି; **'ସର୍ବଶକ୍ତିମାନ୍'** ଅର୍ଥାତ୍ ସ୍ୱ ସାମର୍ଥ୍ୟ ବଳରେ ହିଁ ସମସ୍ତ ଜଗତର ଉତ୍ପତ୍ତି-ସ୍ଥିତି-ପ୍ରଳୟ ସମ୍ପନ୍ନ କରନ୍ତି, କାହାରି ସହାୟତା ନିଅନ୍ତି ନାହିଁ; **'ବ୍ରହ୍ମା'** ଅର୍ଥାତ୍ ବିବିଧ ଜଗତର ସମସ୍ତ ପଦାର୍ଥର ସର୍ଜନାକାରୀ; **'ବିଷ୍ଣୁ'** ଅର୍ଥାତ୍ ସର୍ବତ୍ର ବ୍ୟାପକ ହୋଇ ସବୁର ରକ୍ଷାକାରୀ; **'ମହାଦେବ'** ଅର୍ଥାତ୍ ସକଳ ଦେବଙ୍କର ଦେବ; **'ରୁଦ୍ର'** ଅର୍ଥାତ୍ ପ୍ରଳୟକାରୀ ଆଦି । ଏସବୁ ନାମର ଅର୍ଥକୁ ନିଜ ମଧ୍ୟରେ ଧାରଣ କରିବା, ଏସବୁର ଅନୁକୂଳ ଆଚରଣ କରିବା ହେଲା ଯଥାର୍ଥରେ ନାମସ୍ମରଣ । ଅର୍ଥାତ୍ ବଡ଼ କାମ କରି ବଡ଼ ହେବା, ସାମର୍ଥ୍ୟବାନଙ୍କ ମଧ୍ୟରେ ସାମର୍ଥ୍ୟବାନ୍ ହେବା, ସାମର୍ଥ୍ୟକୁ ବୃଦ୍ଧି କରିଚାଲିବା, ଅଧର୍ମ କଦାପି ନ କରିବା, ସମସ୍ତଙ୍କ ପ୍ରତି ଦୟା କରିବା, ସକଳ ପ୍ରକାର ସାଧନକୁ ଶକ୍ତିସମ୍ପନ୍ନ କରିବା, ଶିଳ୍ପବିଦ୍ୟା ଦ୍ୱାରା ନାନାପ୍ରକାର ପଦାର୍ଥ ନିର୍ମାଣ କରିବା, ସଂସାରର ସମସ୍ତଙ୍କ ସୁଖ-ଦୁଃଖକୁ ନିଜ ଆତ୍ମାର ସୁଖ-ଦୁଃଖ ଭଳି ବିଚାର କରିବା, ସମସ୍ତଙ୍କୁ ରକ୍ଷା କରିବା, ବିଦ୍ୱାନ୍‌ଙ୍କର ବିଦ୍ୱାନ୍ ହେବା, ଦୁଷ୍କର୍ମର ବିନାଶ ଓ ଦୁରାଚାରୀଙ୍କୁ ପ୍ରଯତ୍ନପୂର୍ବକ ଦଣ୍ଡ ଦେବା ତଥା ସଜ୍ଜନମାନଙ୍କୁ ରକ୍ଷା କରିବା ଉଚିତ । **ଏହିପରି ପରମେଶ୍ୱରଙ୍କ ନାମଗୁଡ଼ିକର ଅର୍ଥ ଜାଣି ପରମେଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବର ଅନୁକୂଳ ନିଜର ଗୁଣ-କର୍ମ-ସ୍ୱଭାବ କରିଚାଲିବା ହିଁ ପରମେଶ୍ୱରଙ୍କ ନାମସ୍ମରଣ ।**

## ଗୁରୁମାହାତ୍ମ୍ୟ ସମୀକ୍ଷା

**ପ୍ରଶ୍ନ — ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁର୍ଗୁରୁର୍ଦେବୋ ମହେଶ୍ୱରଃ ।**
**ଗୁରୁରେବ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ॥** (ଗୁରୁଗୀତା, ଗୁରୁମାହାତ୍ମ୍ୟ. ୧୯)

ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ, ଗୁରୁ ମହେଶ୍ୱର; ଗୁରୁ ହିଁ ପରଂବ୍ରହ୍ମ ଇତ୍ୟାଦି ଗୁରୁମାହାତ୍ମ୍ୟ ତ ସତ୍ୟ ? ଗୁରୁଙ୍କ ପାଦ ଧୋଇ ଚରଣାମୃତ ପିଇବା, ସେ ଯେପରି ଆଦେଶ ଦେବେ ସେପରି କରିବା । ଗୁରୁ ଲୋଭୀ ହେଲେ ତାଙ୍କୁ ବାମନାବତାର ଜ୍ଞାନ କରିବା, କ୍ରୋଧୀ ହେଲେ ନୃସିଂହ ଅବତାର ମନେକରିବା, ମୋହୀ ହେଲେ ରାମ ବୋଲି ବିଚାର କରିବା ଏବଂ କାମୀ ହେଲେ କୃଷ୍ଣ ସଦୃଶ ଅଟନ୍ତି ବୋଲି ବିବେଚନା କରିବା । ଗୁରୁ ଯେମିତିକା ପାପ କରନ୍ତୁ ନା କାହିଁକି ତଥାପି ତାଙ୍କ ପ୍ରତି ଅଶ୍ରଦ୍ଧା ନ କରିବା । ସନ୍ଥ ବା ଗୁରୁଙ୍କ ଦର୍ଶନ କରିବାକୁ ଗଲେ ପ୍ରତି ପଦକ୍ଷେପରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୁଏ ଇତ୍ୟାଦି - ଏ କଥା ଠିକ୍ ନା ନାହିଁ ?



ଆଚାର୍ଯ୍ୟ ସତ୍ୟାନନ୍ଦ ବେଦବାଗୀଶଙ୍କ ଦ୍ୱାରା ଯଜ୍ଞ ସଞ୍ଚାଳନ



ଉପସ୍ଥିତ ଯଜ୍ଞପ୍ରେମୀ



ଆଚାର୍ଯ୍ୟା ଡଃ. ସୁକାମାଙ୍କ ଦ୍ୱାରା ଯଜ୍ଞ ସଞ୍ଚାଳନ



ଉପସ୍ଥିତ ଯଜ୍ଞପ୍ରେମୀ



ଆଚାର୍ଯ୍ୟା ସୂର୍ଯ୍ୟାଦେବୀ ଚତୁର୍ବେଦାଙ୍କ ଦ୍ୱାରା ଯଜ୍ଞ ସଞ୍ଚାଳନ



ଯଜ୍ଞରେ ସମ୍ମିଳିତ ସାଧୁ-ସନ୍ଥ






ଆର୍ଯ୍ୟ ପରିବାର ସମ୍ମେଳନରେ ସ୍ୱାମୀ ଗୋବିନ୍ଦ ଗିରି ଓ ଡଃ. ଆନନ୍ଦ କୁମାରଙ୍କ ଉଦ୍‌ବୋଧନ



ଆର୍ଯ୍ୟ ପରିବାର ସମ୍ମେଳନରେ ଡଃ. ମହାବୀର ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧନା



ଧ୍ୟାନଯୋଗ ପ୍ରଶିକ୍ଷଣରେ ପ୍ରଶିକ୍ଷକ ଆଚାର୍ଯ୍ୟ ସତ୍ୟଜିତ







ବେଦ ସମ୍ମେଳନରେ ଡଃ. ଜ୍ୱଳନ୍ତ କୁମାର ଶାସ୍ତ୍ରୀ ଓ ଡଃ. ବେଦପ୍ରକାଶ ଶ୍ରୋତ୍ରିୟଙ୍କ ଉଦ୍‌ବୋଧନ






ଆର୍ଯ୍ୟବୀର ସମ୍ମେଳନରେ ମଞ୍ଚାସୀନ ସ୍ୱାମୀ ଦେବବ୍ରତ, ଆଚାର୍ଯ୍ୟ ବିଜୟପାଳ ପ୍ରମୁଖ







କବି ସମ୍ମେଳନରେ ବିନୟ ଆର୍ଯ୍ୟଙ୍କ ଭଜନ ଓ ହରିଓମ୍ ପୱାରଙ୍କ କବିତା ପରିବେଷଣ






ମହର୍ଷି ଦୟାନନ୍ଦଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଆଲୋଚନାରେ ମଞ୍ଚରେ ସ୍ୱାମୀ ବିଦେହ ଯୋଗୀ ଓ ସ୍ୱାମୀ ଧର୍ମେଶ୍ୱରାନନ୍ଦଙ୍କ ସହ ଅନ୍ୟ ବକ୍ତାଗଣ



ଲଘୁ ଗୁରୁକୁଳରେ ଆର୍ଯ୍ୟ ପ୍ରିୟେଶଙ୍କ ମାର୍ଗଦର୍ଶନ



ଲଘୁ ଗୁରୁକୁଳର ଦୃଶ୍ୟ






ଶଙ୍କା ସମାଧାନ ସତ୍ରରେ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ ଓ ଆଚାର୍ଯ୍ୟ ସତ୍ୟଜିତ





ଶଙ୍କା ସମାଧାନ ସତ୍ରରେ ଉପସ୍ଥିତ ଶ୍ରୋତୃବୃନ୍ଦ






ବିଶ୍ୱ ଆର୍ଯ୍ୟସମାଜ ସମ୍ମେଳନରେ ବିଭିନ୍ନ ଦେଶର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା





ବିଶ୍ୱ ଆର୍ଯ୍ୟସମାଜ ସମ୍ମେଳନରେ ବିଭିନ୍ନ ଦେଶର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା






ବିଶ୍ୱ ଆର୍ଯ୍ୟସମାଜ ସମ୍ମେଳନରେ ସ୍ୱାମୀ ସୁଧାନନ୍ଦଙ୍କ ଉଦ୍‌ବୋଧନ





ଉଦ୍‌ଯାପନ ସତ୍ରରେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହ ଓ ସାଂସଦ ସ୍ୱାମୀ ସୁମେଧାନନ୍ଦ




ଆର୍ଯ୍ୟବୀର ଓ ବୀରାଙ୍ଗନାଙ୍କ ଆକର୍ଷକ ବ୍ୟାୟାମ ପ୍ରଦର୍ଶନ




ଆର୍ଯ୍ୟବୀର ଓ ବୀରାଙ୍ଗନାଙ୍କ ଆକର୍ଷକ ବ୍ୟାୟାମ ପ୍ରଦର୍ଶନ




ଦିଲ୍ଲୀ ସଭାର ସୋସିଆଲ୍ ମିଡିଆ ଟିମ୍ ପକ୍ଷରୁ କୋରାନ୍ ଆଲୋଚନାଚକ୍ରରେ ସ୍ୱାମୀ ସୁଧାନନ୍ଦ ଓ ଅନ୍ୟମାନେ



ସ୍ୱାମୀ ସମ୍ପୂର୍ଣ୍ଣାନନ୍ଦ ଓ ସ୍ୱାମୀ ସୁଧାନନ୍ଦ



ଆର୍ଯ୍ୟ ମହାସମ୍ମେଳନରେ ବାଲୁକା କଳା

**ଉତ୍ତର — ଆଦୌ ଠିକ୍ ନୁହେଁ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ପରଂବ୍ରହ୍ମ ଏସବୁ ପରମେଶ୍ୱରଙ୍କ ନାମ । ଗୁରୁ କେବେ ବି ତାଙ୍କ ତୁଲ୍ୟ ହୋଇପାରିବେ ନାହିଁ ।** ଏହି **'ଗୁରୁ-ମାହାତ୍ମ୍ୟ' 'ଗୁରୁଗୀତା'** ମଧ୍ୟ ଏକ ବଡ଼ ପୋପ୍‌ଲୀଳା । ବାସ୍ତବରେ ମାତା, ପିତା, ଆଚାର୍ଯ୍ୟ ଓ ଅତିଥି ତ ଗୁରୁ ଅଟନ୍ତି । ସେମାନଙ୍କ ସେବା କରିବା, ସେମାନଙ୍କଠାରୁ ବିଦ୍ୟା-ଶିକ୍ଷା ନେବା ଶିଷ୍ୟମାନଙ୍କର କର୍ତ୍ତବ୍ୟ ଏବଂ ଶିଷ୍ୟମାନଙ୍କୁ ବିଦ୍ୟା-ଶିକ୍ଷା ଦେବା ଗୁରୁଙ୍କ କର୍ତ୍ତବ୍ୟ । କିନ୍ତୁ ଗୁରୁ ଯଦି ଲୋଭୀ, କ୍ରୋଧୀ, ମୋହୀ ଓ କାମୀ ହୋଇଥିବେ ତେବେ ତାଙ୍କୁ ସର୍ବଥା ପରିତ୍ୟାଗ କରିବା, ଭର୍ତ୍ସନାଦି ଦ୍ୱାରା ଶିକ୍ଷା ଦେବା ଉଚିତ, ସରଳ ଭର୍ତ୍ସନାରେ ବାଟକୁ ନ ଆସିଲେ ଅର୍ଘ୍ୟ-ପାଦ୍ୟ ଦେବା ଅର୍ଥାତ୍ ତାଡ଼ନା କରିବା, ଦଣ୍ଡ ଦେବା ଏପରିକି ଆବଶ୍ୟକ ସ୍ଥଳେ ପ୍ରାଣହରଣ ପର୍ଯ୍ୟନ୍ତ କରିବାରେ କୌଣସି ଦୋଷ ନାହିଁ । **ଯେଉଁମାନଙ୍କଠାରେ ବିଦ୍ୟାଦି ସଦ୍‌ଗୁଣ ଆଧାରିତ 'ଗୁରୁତ୍ୱ' ନାହିଁ, ମିଥ୍ୟାଡ଼ମ୍ବର ରୂପକ ମାଳି-କଣ୍ଠୀ ପିନ୍ଧି, ଚିତା-ତିଳକ କାଟି, କଣ୍ଠି-ତିଳକ ଧାରଣର ଓ ବେଦବିରୁଦ୍ଧ ମନ୍ତ୍ରୋପଦେଶ ଦିଅନ୍ତି ସେମାନେ ବାସ୍ତବରେ ଗୁରୁ ହିଁ ନୁହନ୍ତି; ବରଂ ଗାଈଆଳ ଅଟନ୍ତି ।** ଗାଈଆଳ, ମେଷଚରାଳୀ ଯେପରି ଗାଈ-ଛେଳି-ମେଣ୍ଢାଙ୍କଠାରୁ ଦୁଗ୍ଧ ଆଦି ସ୍ୱ ପ୍ରୟୋଜନ ସିଦ୍ଧ କରେ, ଏମାନେ ସେହିପରି ଶିଷ୍ୟମାନଙ୍କ, ଚେଲା-ଚେଲୀମାନଙ୍କ ଧନ ହରଣ କରି ନିଜର ସ୍ୱାର୍ଥ ସିଦ୍ଧ କରନ୍ତି । ସେଭଳି ଗୁରୁ-ଚେଲାଙ୍କର ସ୍ଥିତି ହେଲା —

**ଗୁରୁ ଲୋଭୀ ଚେଲା ଲାଲ୍‌ଚୀ, ଦୋନୋ ଖେଲେ ଦାଁବ୍ ।**
**ଭବସାଗର୍ ମେଁ ଡୂବତେ, ବୈଠ୍ ପତ୍‌ଥର୍ କୀ ନାବ୍ ॥**

ଏଣେ ଗୁରୁ ବିଚାର କରୁଥାନ୍ତି ଯେ ଚେଲା-ଚେଲୀ କଲେ ସେମାନେ ନିଶ୍ଚୟ କିଛି ନା କିଛି ଦେବେ, ତେଣେ ଚେଲା ଭାବୁଥାଏ ଯେ କାହାକୁ ଗୁରୁଟିଏ କରିଥିଲେ ଜୀବନରେ ମିଥ୍ୟା ପ୍ରତିଜ୍ଞା ଆଦି ଯାବତୀୟ ପାପ କର୍ମ କଲେ ସେସବୁ ପାପ ଧୋଇବା କାମରେ ସେ ଆସିବେ ଇତ୍ୟାଦି । ଲୋଭରେ ଉଭୟ କପଟମୁନି ଭବସାଗର ଦୁଃଖରେ ବୁଡ଼ିମରନ୍ତି, ଯେମିତିକି ପଥର ନୌକାରେ ବସି ସମୁଦ୍ର ପାର ହେବାକୁ ଚେଷ୍ଟା କରୁଥିବା ଲୋକେ ବୁଡ଼ିମରନ୍ତି । ଏପରି ଗୁରୁ-ଚେଲାଙ୍କ ମୁହଁରେ ଧୂଳି-ପାଉଁଶ ପଡୁ । ସେମାନଙ୍କ ପାଖରେ କେହି ଠିଆ ବି ହେବା ଅନୁଚିତ । ଯିଏ ଏମାନଙ୍କ ପାଖକୁ ଯିବ ସିଏ ଦୁଃଖ-ଦରିଆରେ ପଡ଼ିବ । ପୂଜାରୀ-ପୁରାଣପନ୍ଥୀମାନେ ଯେପରି ପୋପ୍‌ଲୀଳା ଚଳାଇଛନ୍ତି, ଏହି ଗାଈଆଳ ଗୁରୁମାନେ ବି ସେହିପରି ଲୀଳା ଚଳାଇଛନ୍ତି । ସ୍ୱାର୍ଥୀ ଲୋକମାନେ ଏସବୁ ଲୀଳା ଲଗାଇଥାନ୍ତି । **କିନ୍ତୁ ଯେଉଁମାନେ ପରମାର୍ଥୀ ଲୋକ, ସେମାନେ ନିଜେ ଦୁଃଖ-କଷ୍ଟ ସହ୍ୟ କରି ମଧ୍ୟ ଜଗତର ଉପକାର କରିବା କାମ କେବେ ଛାଡ଼ନ୍ତି ନାହିଁ ।** ଆଉ ଯେଉଁ 'ଗୁରୁମାହାତ୍ମ୍ୟ' ତଥା 'ଗୁରୁଗୀତା' ଆଦି ବହୁଳ ପ୍ରସାରିତ ସେସବୁ ବି ଏହି ଲୋଭୀ, କୁକର୍ମୀ ଗୁରୁମାନଙ୍କ ରଚନା ।

## ଅଷ୍ଟାଦଶପୁରାଣ ସମୀକ୍ଷା

**ପ୍ରଶ୍ନ — ଅଷ୍ଟାଦଶପୁରାଣାନାଂ କର୍ତ୍ତା ସତ୍ୟବତୀସୁତଃ ॥ ୧ ॥** (ଶିବପୁରାଣ. ରେବାଖଣ୍ଡ)
**ଇତିହାସପୁରାଣାଭ୍ୟାଂ ବେଦାର୍ଥମୁପବୃଂହୟେତ୍ ॥ ୨ ॥** (ମହା. ଆଦି. ୩:୨୬୭)
**ପୁରାଣାନି ଖିଲାନି ଚ ॥ ୩ ॥** (ମନୁ. ୩:୨୩୨)
**ଇତିହାସପୁରାଣଃ ପଞ୍ଚମୋ ବେଦାନାଂ ବେଦଃ ॥ ୪ ॥** (ଛାନ୍ଦୋଗ୍ୟ. ୭:୧:୪)
**ଦଶମେଽହନି କିଂଚିତ୍‌ପୁରାଣମାଚକ୍ଷୀତ ॥ ୫ ॥**

**ଅବଶିଷ୍ଟାଂଶ ପୃଷ୍ଠା-୧୩ରେ...**

**ପୁରାଣବିଦ୍ୟା  ବେଦଃ ॥ ୬ ॥** (ତୁଳନା-ଶତପଥ. ୧୩:୩:୧:୧୩)

ଅଷ୍ଟାଦଶ ପୁରାଣର ପ୍ରଣେତା ହେଉଛନ୍ତି ବ୍ୟାସଦେବ । ବ୍ୟାସଙ୍କ ବଚନକୁ ପ୍ରାମାଣିକ ବୋଲି ଅବଶ୍ୟ ଗ୍ରହଣ କରିବା ଉଚିତ ॥ ୧ ॥

ଇତିହାସ ଅର୍ଥାତ୍ ମହାଭାରତ ଏବଂ ଅଠର ପୁରାଣ ସାହାଯ୍ୟରେ ବେଦର ଅର୍ଥ ପଠନ-ପାଠନ କରିବା ଉଚିତ । କାରଣ ଇତିହାସ ଓ ପୁରାଣଗୁଡ଼ିକ ବେଦର ହିଁ ଅର୍ଥର ପ୍ରକାଶକ ଓ ବେଦାନୁକୂଳ ॥ ୨ ॥

ପିତୃକର୍ମରେ ପୁରାଣ ଓ 'ଖିଳ' ଅର୍ଥାତ୍ **ହରିବଂଶ**ର କଥା ଶୁଣିବା ଉଚିତ ॥ ୩ ॥

ଇତିହାସ ଓ ପୁରାଣକୁ ପଞ୍ଚମ ବେଦ କୁହାଯାଏ ॥ ୪ ॥

ଅଶ୍ୱମେଧ ଯଜ୍ଞ ସମାପ୍ତିର ଦଶମ ଦିନରେ କିଛି-କିଛି ପୁରାଣ କଥା ଶୁଣିବେ ॥ ୫ ॥

'ପୁରାଣ-ବିଦ୍ୟା' ବେଦାର୍ଥକୁ ଜଣାଉଥିବାରୁ ତାହା ବେଦ ଅଟେ ॥ ୬ ॥

ଇତ୍ୟାଦି ପ୍ରମାଣ ଆଧାରରେ ପୁରାଣଗୁଡ଼ିକ ପ୍ରାମାଣିକ ଅଟନ୍ତି ଏବଂ ଏସବୁର ପ୍ରମାଣ ଆଧାରରେ ମୂର୍ତ୍ତିପୂଜା ଓ ତୀର୍ଥ ମଧ୍ୟ ପ୍ରାମାଣିକ, କାରଣ ପୁରାଣଗୁଡ଼ିକରେ ମୂର୍ତ୍ତିପୂଜା ଓ ତୀର୍ଥସବୁ ସେବନର ବିଧାନ କରାଯାଇଛି ।

**ଉତ୍ତର — ଯଦି ଅଷ୍ଟାଦଶ ପୁରାଣର ରଚୟିତା ବ୍ୟାସଦେବ ହୋଇଥାନ୍ତେ ତେବେ ସେସବୁରେ ଏତେ ଅବାନ୍ତର, ବୁଦ୍ଧିହୀନ ଗପ ଭର୍ତ୍ତି ହୋଇନଥାନ୍ତା ।** କାରଣ **'ଶାରୀରକ-ସୂତ୍ର'**, **'ଯୋଗଶାସ୍ତ୍ରର ଭାଷ୍ୟ'** ପ୍ରଭୃତି ବ୍ୟାସୋକ୍ତ ଗ୍ରନ୍ଥ ଅଧ୍ୟୟନ କଲେ ଜଣାଯାଏ ଯେ ବ୍ୟାସଦେବ ବଡ଼ ବିଦ୍ୱାନ୍, ସତ୍ୟବାଦୀ, ଧାର୍ମିକ, ଯୋଗୀ ଥିଲେ । ସେ ଏପରି ଅସତ୍ୟ, ଅବାନ୍ତର କଥା କଦାପି ଲେଖିପାରିନଥାନ୍ତେ । ଅତଃ ଏସବୁ ପରସ୍ପରବିରୋଧୀ, ସମ୍ପ୍ରଦାୟୀ ଲୋକଙ୍କ ରଚନା । ତା'ଛଡ଼ା ଏସବୁ ଗ୍ରନ୍ଥୋକ୍ତ କଥାରୁ ଏହା ବି ପ୍ରମାଣିତ ହେଉଛି ଯେ ଯେଉଁ ସମ୍ପ୍ରଦାୟୀ, ପରସ୍ପର ବିରୋଧୀ ଲୋକେ **'ଭାଗବତ'** ଆଦି ନବୀନ କପୋଳକଳ୍ପିତ ପୁସ୍ତକ ରଚନା କରିଛନ୍ତି, ସେମାନଙ୍କଠାରେ ବ୍ୟାସଦେବଙ୍କ ଗୁଣ ଲେଶମାତ୍ର ବି ନ ଥିଲା । ବେଦଶାସ୍ତ୍ରବିରୁଦ୍ଧ ମିଥ୍ୟାବାଦ ଲେଖିବା ବ୍ୟାସଙ୍କ ସଦୃଶ ବିଦ୍ୱାନଙ୍କ କାମ ନୁହେଁ । ବରଂ ଏ କାମ ବେଦଶାସ୍ତ୍ରବିରୋଧୀ, ସ୍ୱାର୍ଥୀ, ଅବିଦ୍ୱାନ୍ ଲୋକମାନଙ୍କର । ବାସ୍ତବରେ **'ଇତିହାସ'** ଓ **'ପୁରାଣ'** ନାମ ଶିବପୁରାଣାଦି ଅର୍ବାଚୀନ ପୁସ୍ତକର ନାମ ନୁହେଁ । ବରଂ —

**ବ୍ରାହ୍ମଣାନୀଇତିହାସାନ୍  ପୁରାଣାନି କଳ୍ପାନ୍ ଗାଥାନାରାଶଂସୀରିତି  ।**

(ତୈତ୍ତିରୀୟ ଆରଣ୍ୟକ. ୨:୯, ଆଶ୍ୱ. ୩:୩:୧)

'ଐତରେୟ', 'ଶତପଥ', 'ସାମ' ଓ 'ଗୋପଥ' ବ୍ରାହ୍ମଣ ଗ୍ରନ୍ଥର ହିଁ ନାମ ହେଲା ଇତିହାସ, ପୁରାଣ, କଳ୍ପ, ଗାଥା ଓ ନାରାଶଂସୀ ଏ ପାଞ୍ଚୋଟି ନାମ । **(ଇତିହାସ)** ଯେମିତିକି ଜନକ ଓ ଯାଜ୍ଞବଲ୍କ୍ୟଙ୍କ ସମ୍ବାଦ । **(ପୁରାଣ)** ଜଗଦୁତ୍ପତ୍ତି ଆଦିର ବର୍ଣ୍ଣନା, ଆଖ୍ୟାନ । **(କଳ୍ପ)** ବେଦର ଶବ୍ଦର ସାମର୍ଥ୍ୟର ବର୍ଣ୍ଣନା, ଅର୍ଥ ନିରୂପଣ କରିବା । **(ଗାଥା)** କାହାର ଦୃଷ୍ଟାନ୍ତ-ଦାର୍ଷ୍ଟାନ୍ତରୂପ କଥା-ପ୍ରସଙ୍ଗ କହିବା । **(ନାରାଶଂସୀ)** ମନୁଷ୍ୟମାନଙ୍କ ପ୍ରଶଂସନୀୟ ଓ ନିନ୍ଦନୀୟ କର୍ମର କଥନ କରିବା । ଏସବୁ ଗ୍ରନ୍ଥ ଦ୍ୱାରା ବେଦର ଅର୍ଥ ଜାଣିହୁଏ ।

**'ପିତୃକର୍ମ'** ଅର୍ଥାତ୍ ଜ୍ଞାନୀମାନଙ୍କ ସଂସ୍ପର୍ଶରେ ଏ ବିଷୟରେ କିଛି ଶୁଣିବା, **'ଅଶ୍ୱମେଧ'** ଯଜ୍ଞର ସମାପ୍ତିରେ ମଧ୍ୟ ଏସବୁ ଗ୍ରନ୍ଥ ଶୁଣିବା କଥା ଲେଖାଯାଇଛି । କାରଣ ଯାହାସବୁ ବ୍ୟାସକୃତ ଗ୍ରନ୍ଥ ସେସବୁକୁ ଶୁଣିବା-ଶୁଣାଇବା ବ୍ୟାସଙ୍କ ଜନ୍ମ ପରେ ହିଁ ସମ୍ଭବ ହୋଇପାରେ, ପୂର୍ବରୁ ନୁହେଁ । ଯେତେବେଳେ ବ୍ୟାସଦେବ ଜନ୍ମ ମଧ୍ୟ ହୋଇନଥିଲେ ସେତେବେଳେ ବି ବେଦାର୍ଥର ପଠନ-ପାଠନ ଶ୍ରବଣ-ଶ୍ରାବଣ ହେଉଥିଲା । ଅତଏବ **ପ୍ରାଚୀନତମ ବ୍ରାହ୍ମଣ-ଗ୍ରନ୍ଥଗୁଡ଼ିକ**

**ପ୍ରତି ହିଁ ଏସବୁ କଥା ପ୍ରଯୁଜ୍ୟ ହୋଇପାରେ;** ମିଥ୍ୟାବାଦରେ ଦୂଷିତ 'ଶ୍ରୀମଦ୍‌ଭାଗବତ', 'ଶିବପୁରାଣ' ଆଦି ନବୀନ ଗ୍ରନ୍ଥ ନିମନ୍ତେ ଏହା ପ୍ରଯୁଜ୍ୟ ହୋଇନପାରେ ।

ଯେହେତୁ ବ୍ୟାସ ବେଦ ପଢ଼ି ବେଦାର୍ଥର ପ୍ରସାର କଲେ, ତେଣୁ ତାଙ୍କ ନାମ **'ବେଦବ୍ୟାସ'** ହେଲା । କାରଣ ବୃତ୍ତର ମଧ୍ୟବିନ୍ଦୁ ଦେଇ ଗୋଟିଏ ପାର୍ଶ୍ୱର ପରିଧିରୁ ଅପର ପାର୍ଶ୍ୱକୁ ସଂଯୋଗ କରୁଥିବା ମଧ୍ୟରେଖାକୁ ବ୍ୟାସ କହନ୍ତି । ଅତଃ ବ୍ୟାସଦେବ ଋଗ୍‌ବେଦର ଆରମ୍ଭରୁ ଅଥର୍ବ ବେଦର ଶେଷ ପର୍ଯ୍ୟନ୍ତ ଚାରୋଟି ଯାକ ବେଦ ପଢ଼ିଥିଲେ ଏବଂ ଶୁକଦେବ ଓ ଜୈମିନି ଆଦି ଶିଷ୍ୟମାନଙ୍କୁ ବି ପଢ଼ାଇଥିଲେ । ନଚେତ୍ ଜନ୍ମରୁ ତାଙ୍କର ନାମ ଥିଲା **'କୃଷ୍ଣଦ୍ୱୈପାୟନ'** । 'ବ୍ୟାସଦେବ ବେଦକୁ ସଂକଳିତ କରିଥିଲେ' — **ଏ କଥା ଯେଉଁ କେତେକ କହନ୍ତି ସେମାନଙ୍କର ସେ କଥନ ସମ୍ପୂର୍ଣ୍ଣ ମିଥ୍ୟା । କାରଣ ବ୍ୟାସଙ୍କର ପିତା, ପିତାମହ, ପ୍ରପିତାମହ; ପରାଶର, ଶକ୍ତି, ବଶିଷ୍ଠ ଓ ବ୍ରହ୍ମା ଆଦି ମଧ୍ୟ ଚାରିବେଦ ପଢ଼ିଥିଲେ ।** ବ୍ୟାସଦେବ ବେଦର ସଂକଳନକର୍ତ୍ତା ହୋଇଥିଲେ ଏକଥା କିପରି ସମ୍ଭବ ହୋଇଥାନ୍ତା ?

**ପଶ୍ନ —** ପୁରାଣର ସବୁ କଥା ମିଛ ନା ସେଥିରେ କୌଣସି ସତ କଥା ବି ଅଛି ?

**ଉତ୍ତର —** ଅଧିକାଂଶ କଥା ମିଛ । ଆଉ **'ଘୁଣାକ୍ଷରନ୍ୟାୟ'**ରେ କୌଣସି କଥା ସତ ବି ଅଛି । ପୁରାଣରେ ଯାହାସବୁ ସତ କଥା ଅଛି ସେସବୁ ବେଦାଦି ସତ୍ୟ ଶାସ୍ତ୍ରର ଏବଂ ଯାହାସବୁ ମିଥ୍ୟା ଅଛି ସେସବୁ ଏହି ପୋପ୍‌ମାନଙ୍କର ପୁରାଣରୂପକ ଘରର । ଯଥା — **'ଶିବପୁରାଣ'**ରେ ଶୈବମାନେ ଶିବଙ୍କୁ ପରମେଶ୍ୱର ମାନି ବିଷ୍ଣୁ, ବ୍ରହ୍ମା, ଇନ୍ଦ୍ର, ଗଣେଶ ଓ ସୂର୍ଯ୍ୟାଦିଙ୍କୁ ତାଙ୍କର ଦାସ ବୋଲି ବର୍ଣ୍ଣନା କରିଛନ୍ତି । ବୈଷ୍ଣବମାନେ **'ବିଷ୍ଣୁପୁରାଣ'** ଆଦିରେ ବିଷ୍ଣୁଙ୍କୁ ପରମାତ୍ମା ବୋଲି ମାନିଛନ୍ତି ଏବଂ ଶିବ ପ୍ରଭୃତିଙ୍କୁ ବିଷ୍ଣୁଙ୍କ ଦାସ ବୋଲି କହିଛନ୍ତି । **'ଦେବୀଭାଗବତ'**ରେ ଦେବୀଙ୍କୁ ପରମେଶ୍ୱରୀ ଏବଂ ଶିବ, ବିଷ୍ଣୁ ପ୍ରଭୃତିଙ୍କୁ ଦେବୀଙ୍କ କିଙ୍କର ଭାବେ ଚିତ୍ରିତ କରାଯାଇଛି । **'ଗଣେଶଖଣ୍ଡ'**ରେ ଗଣେଶଙ୍କୁ ଈଶ୍ୱର ଏବଂ ବାକି ଅନ୍ୟ ସମସ୍ତଙ୍କୁ ତାଙ୍କର ଦାସ ରୂପେ ବର୍ଣ୍ଣନା ହୋଇଛି । କୁହନ୍ତୁ ଭଲା, ଏସବୁ କଥା ଏ ସମ୍ପ୍ରଦାୟୀ ପୋପ୍‌ମାନଙ୍କର ନୁହେଁ ତ ଆଉ କାହାର ? **ଜଣେ ସାଧାରଣ ବ୍ୟକ୍ତି ବି ଏକାଧିକ ପୁସ୍ତକ ରଚନା କଲେ ସେସବୁରେ ମଧ୍ୟ ଏପରି ପରସ୍ପର-ବିରୋଧୀ କଥା ଦେଖାଯାଏ ନାହିଁ । ସେପରି ସ୍ଥଳେ ଜଣେ ବିଦ୍ୱାନଙ୍କ ରଚିତ ଏକାଧିକ ପୁସ୍ତକରେ ଏପରି ପରସ୍ପର-ବିରୋଧୀ କଥା କଦାପି ସମ୍ଭବ ନୁହେଁ ।** ଏ ମଧ୍ୟରୁ ଗୋଟିଏ ପୁରାଣର କଥାକୁ ସତ୍ୟ ବୋଲି ମାନିଲେ ଦ୍ୱିତୀୟ ପୁରାଣର କଥା ମିଥ୍ୟା, ଦ୍ୱିତୀୟ ପୁରାଣକୁ ସତ ମାନିଲେ ତୃତୀୟଟି ମିଛ ଏବଂ ତୃତୀୟଟିକୁ ସତ ମାନିଲେ ବାକି ସବୁଯାକ ମିଥ୍ୟା ପ୍ରମାଣିତ ହେଉଛନ୍ତି ।

**ଶିବପୁରାଣ**କାର ଶିବଙ୍କଠାରୁ, **ବିଷ୍ଣୁପୁରାଣ**କାର ବିଷ୍ଣୁଙ୍କଠାରୁ, **ଦେବୀପୁରାଣ**କାର ଦେବୀଙ୍କଠାରୁ, **ଗଣେଶଖଣ୍ଡ**ର ରଚୟିତା ଗଣେଶଙ୍କଠାରୁ, **ସୂର୍ଯ୍ୟପୁରାଣ**ର କର୍ତ୍ତା ସୂର୍ଯ୍ୟଙ୍କଠାରୁ ଓ **ବାୟୁପୁରାଣ**ର ଲେଖକ ବାୟୁଠାରୁ ସୃଷ୍ଟିର ଉତ୍ପତ୍ତି-ପ୍ରଳୟ ହେବା କଥା ଲେଖିଛନ୍ତି । ପୁଣି ଜଣ-ଜଣଙ୍କ ଠାରୁ ଆଉ ଜଣ-ଜଣକ ଯାହାକୁ ବି ଜଗତର କାରଣ ବୋଲି ଲେଖିଛନ୍ତି, ସେମାନଙ୍କ ଉତ୍ପତ୍ତି ହୋଇଥିବା କଥା ଲେଖିଛନ୍ତି । ଏମାନଙ୍କୁ କେହି ଯଦି ପଚାରନ୍ତି ଯେ ଯିଏ ସମଗ୍ର ଜଗତର ଉତ୍ପତ୍ତି-ସ୍ଥିତି-ପ୍ରଳୟ ସମ୍ପାଦନ କରନ୍ତି, ସିଏ ନିଜେ ଉତ୍ପନ୍ନ ହୋଇପାରନ୍ତି କି ? ଏବଂ ଯିଏ ନିଜେ ଉତ୍ପନ୍ନ ହୁଅନ୍ତି, ସିଏ ସମଗ୍ର ସୃଷ୍ଟିର କାରଣ କେବେ ହୋଇପାରିବେ କି ? ତେବେ ସେମାନେ ମୌନ ଧାରଣ କରିବା ବ୍ୟତୀତ ଅନ୍ୟ କିଛି କରିପାରନ୍ତି ନାହିଁ । ପୁଣି ଏ ସମସ୍ତଙ୍କ ଶରୀରର ଉତ୍ପତ୍ତି ମଧ୍ୟ ଏସବୁ ସୃଷ୍ଟ ପଦାର୍ଥରୁ ହୋଇଥିବ, ତେବେ ସେମାନେ ନିଜେ ସୃଷ୍ଟ-ପଦାର୍ଥ ଓ ପରିଚ୍ଛିନ୍ନ ହୋଇ ସଂସାରର ଉତ୍ପତ୍ତିକର୍ତ୍ତା କେମିତି ହୋଇପାରିବେ ?

ତା' ଛଡ଼ା ଭିନ୍ନ-ଭିନ୍ନ ପୁରାଣରେ ସଂସାରର ଉତ୍ପତ୍ତି ମଧ୍ୟ ଭିନ୍ନ-ଭିନ୍ନ ପ୍ରକାରେ ହୋଇଥିବା କଥା ବର୍ଣ୍ଣିତ ହୋଇଛି; ଯାହାକି ସର୍ବଥା ଅସମ୍ଭବ । ଯଥା —

## ଶିବପୁରାଣରେ ସୃଷ୍ଟିକ୍ରମ ସମୀକ୍ଷା

**'ଶିବପୁରାଣ'**ରେ ଉଲ୍ଲେଖ ଅଛି ଯେ ଥରେ ଶିବ ଇଚ୍ଛାକଲେ କି 'ମୁଁ ସୃଷ୍ଟି କରିବି' । ତା' ପରେ 'ନାରାୟଣ' ନାମକ ଏକ ଜଳାଶୟ ନିର୍ମାଣ କଲେ । ତା'ର ନାଭିରୁ ଏକ ପଦ୍ମ ଏବଂ ସେହି ପଦ୍ମରୁ ବ୍ରହ୍ମା ଜାତ ହେଲେ । ବ୍ରହ୍ମା ଦେଖିଲେ ଯେ ସବୁ ଜଳମୟ ହୋଇଛି । ସେହି ଜଳରୁ ଆଞ୍ଜୁଳାଏ ପାଣି ଉଠାଇ, ତାକୁ ଦେଖି, ପୁଣି ସେ ଜଳରେ ପକାଇ ଦେଲେ । ସେଥିରୁ ଏକ ପାଣିଫୋଟକା ଓ ସେ ଫୋଟକାରୁ ଜଣେ ପୁରୁଷ ଉତ୍ପନ୍ନ ହେଲେ । ସେ ପୁରୁଷ ଜଣକ ବ୍ରହ୍ମାଙ୍କୁ କହିଲେ — 'ହେ ପୁତ୍ର ! ସୃଷ୍ଟି ରଚନା କର ।' ବ୍ରହ୍ମା ଉତ୍ତର ଦେଲେ — 'ମୁଁ ତୁମ ପୁତ୍ର ନୁହେଁ; ବରଂ ତୁମେ ହେଉଛ ମୋର ପୁତ୍ର ।' ଏକଥାକୁ ନେଇ ସେ ଦୁହିଁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଲା ଓ ଦିବ୍ୟ ସହସ୍ର ବର୍ଷ ପର୍ଯ୍ୟନ୍ତ ସେ ଦୁହେଁ ସେହି ଜଳ ଉପରେ ଲଢ଼େଇ କରିଚାଲିଲେ । ତାହା ଦେଖି ଶିବ ବିଚାର କଲେ ଯେ ସୃଷ୍ଟି ରଚନା କରିବା ପାଇଁ ମୁଁ ଯାହାକୁ ପଠାଇଥିଲି, ସେ ଦୁହେଁ ନିଜ-ନିଜ ଭିତରେ ଲଢ଼େଇରେ ମାତିଛନ୍ତି । ଏହି ଯୁଦ୍ଧ ବନ୍ଦ ପାଇଁ ସେ ଉପାୟ କଲେ । ଏ ସମୟରେ ବ୍ରହ୍ମା-ବିଷ୍ଣୁଙ୍କ ମଧ୍ୟରେ ଏକ ତେଜୋମୟ ଲିଙ୍ଗ ଉତ୍ପନ୍ନ ହେଲା ଓ ସେ ଲିଙ୍ଗ ଆକାଶକୁ ବଢ଼ିଚାଲିଲା । ତାହା ଦେଖି ସେ ଦୁହେଁ ଆଶ୍ଚର୍ଯ୍ୟଚକିତ ହୋଇଗଲେ । ବିଚାର କଲେ ଯେ ଏହାର ଆଦି-ଅନ୍ତ ଜାଣିବା ଉଚିତ । ଉଭୟେ ସ୍ଥିର କଲେ - ଲିଙ୍ଗର ଆଦି ବା ଅନ୍ତ ଦେଖି ଯିଏ ପ୍ରଥମେ ଆସିବ ସିଏ ପିତା ହେବ ଏବଂ ଯିଏ ପଛରେ ଦେଖି ଆସିବ କିମ୍ବା ସୀମା ପାଇବ ନାହିଁ ସିଏ ହେବ ପୁତ୍ର । ବିଷ୍ଣୁ କଚ୍ଛପ ରୂପ ଧାରଣ କରି ତଳକୁ ଗଲେ ଓ ବ୍ରହ୍ମା ହଂସ ରୂପ ଧାରଣ କରି ଉପର ଆଡ଼କୁ ଉଡ଼ିଗଲେ । ଉଭୟେ ମନୋବେଗରେ ଗତି କଲେ । ଦିବ୍ୟ ସହସ୍ର ବର୍ଷ ପର୍ଯ୍ୟନ୍ତ ଉଭୟେ ଗତି କରି ଚାଲିଲେ । ତଥାପି ଲିଙ୍ଗର ଆଦି-ଅନ୍ତ ପାଇଲେ ନାହିଁ । ତା' ପରେ ବିଷ୍ଣୁ ତଳୁ ଉପର ଆଡ଼କୁ ଏବଂ ବ୍ରହ୍ମା ଉପରୁ ତଳଆଡ଼କୁ ଫେରିବାକୁ ଲଗିଲେ । ରାସ୍ତାରେ ବ୍ରହ୍ମା ବିଚାରିଲେ ଯେ ଯଦି ବିଷ୍ଣୁ ଲିଙ୍ଗର ଆଦି ଦେଖି ଆସିଯିବ ତେବେ ମୋତେ ପୁତ୍ର ହେବାକୁ ପଡ଼ିବ । ଏଭଳି ବିଚାର କରୁଥିବା ସମୟରେ ଗୋଟିଏ ଗାଈ ଓ ଗୋଟିଏ କେତକୀ ବୃକ୍ଷ ଉପରୁ ଆକାଶରୁ ତଳକୁ ଆସୁଥିଲେ । ବ୍ରହ୍ମା ତାଙ୍କୁ ପଚାରିଲେ — 'ତୁମେ କେଉଁଠୁ ଆସୁଛ ?' ସେମାନେ କହିଲେ — 'ଆମେ ସହସ୍ର ବର୍ଷ ହେଲା ଏ ଲିଙ୍ଗ ଆଧାରରେ ତଳକୁ ଖସୁଛୁ ।' ବ୍ରହ୍ମା ପଚାରିଲେ —'ଏ ଲିଙ୍ଗର ଅନ୍ତ ଅଛି ନା ନାହିଁ ?' ସେମାନେ ଉତ୍ତର ଦେଲେ — 'ନାହିଁ ।' ବ୍ରହ୍ମା ସେ ଦୁହିଁଙ୍କୁ କହିଲେ — "ତୁମେ ଦୁହେଁ ମୋ ସାଥିରେ ଆସ ଓ ମୋ ସପକ୍ଷରେ ସାକ୍ଷ୍ୟ ଦେବ । ଗାଈ କହିବ ଯେ, 'ମୁଁ ଏହି ଲିଙ୍ଗର ଶିରରେ କ୍ଷୀରଧାରା ବର୍ଷଣ କରୁଥିଲି' ଏବଂ ଗଛ କହିବ କି, 'ମୁଁ ଲିଙ୍ଗର ମସ୍ତକରେ ଫୁଲ ବର୍ଷା କରୁଥିଲି ।' ତୁମେ ଦୁହେଁ ଏପରି ସାକ୍ଷ୍ୟ ଦେବ ତ ମୁଁ ତୁମ ଦୁହିଁଙ୍କୁ ସେ ସ୍ଥାନକୁ ସଙ୍ଗରେ ନେଇଯିବି ।" ସେ ଦୁହେଁ କହିଲେ — 'ଆମେ ମିଥ୍ୟା ସାକ୍ଷ୍ୟ ଦେବୁ ନାହିଁ ।' ସେତେବେଳେ ବ୍ରହ୍ମା କୁପିତ ହୋଇ କହିଲେ — 'ଯଦି ସାକ୍ଷ୍ୟ ନ ଦେବ ତ ମୁଁ ତୁମ ଦୁହିଁଙ୍କୁ ବର୍ତ୍ତମାନ ଭସ୍ମ କରିଦେଉଛି ।' ତା'ପରେ ପ୍ରାଣଭୟରେ ଉଭୟେ କହିଲେ — 'ଆପଣ ଯେମିତି କହିବେ, ଆମେ ସେମିତି ସାକ୍ଷ୍ୟ ଦେବୁ ।' ତା'ପରେ ତିନିହେଁ ତଳ ଆଡ଼କୁ ଚାଲିଲେ ।

ବିଷ୍ଣୁ ଆଗରୁ ହିଁ ଆସିଯାଇଥିଲେ । ଏବେ ବ୍ରହ୍ମା ବି ପହଞ୍ଚିଗଲେ । ବିଷ୍ଣୁଙ୍କୁ ବ୍ରହ୍ମା ପଚାରିଲେ — "ତୁମେ ଲିଙ୍ଗର ଆଦି ପାଇଲ ନା ନାହିଁ ?" ବିଷ୍ଣୁ ଉତ୍ତର ଦେଲେ — "ମୋତେ ଏହାର ସୀମା ମିଳିଲା ନାହିଁ ।" ତା'ପରେ ବ୍ରହ୍ମା

**ଅବଶିଷ୍ଟାଂଶ ପୃଷ୍ଠା-୧୪ରେ...**

# ଉତ୍ସାହ, ପ୍ରେରଣା, ନବଚେତନାର ସନ୍ଦେଶ ଦେଇ ଆର୍ଯ୍ୟଙ୍କ ମହାକୁମ୍ଭ - ଅନ୍ତର୍ରାଷ୍ଟ୍ରୀୟ ଆର୍ଯ୍ୟ ମହାସମ୍ମେଳନ-୨୦୧୮ ସମ୍ପନ୍ନ

# ଆର୍ଯ୍ୟସମାଜର ଇତିହାସରେ ଯୋଡ଼ିହେଲା ଆଉ ଏକ ଗୌରବପୂର୍ଣ୍ଣ ଅଧ୍ୟାୟ

ଅନ୍ତର୍ରାଷ୍ଟ୍ରୀୟ ଆର୍ଯ୍ୟ ମହାସମ୍ମେଳନକୁ ଆଗତ ଆର୍ଯ୍ୟଜନତା ସ୍ୱ କଳ୍ପନା ଠାରୁ ଉର୍ଦ୍ଧ୍ୱରେ ଥିବା ଅକଳ୍ପନୀୟ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟାଭିଭୂତ ହେବା ସାଙ୍ଗକୁ ତାଙ୍କ ମୁଖରୁ ସ୍ୱତଃ ନିର୍ଗତ ହେଉଥିଲା ଏତେ ବିଶାଳ ଓ ଭବ୍ୟ କାର୍ଯ୍ୟକ୍ରମ ତ କେବେ ଚିନ୍ତା ବି କରିନଥିଲୁ। ପ୍ରତ୍ୟେକ ବ୍ୟକ୍ତି ଏ ଆୟୋଜନର ଭୂୟସୀ ପ୍ରଶଂସା କରୁଥିଲେ। କେହି କେହି କହୁଥିଲେ — **'ନ ଭୂତୋ ନ ଭବିଷ୍ୟତି'**। ଆମର ତ ସ୍ପଷ୍ଟ ଉତ୍ତର ଥିଲା — "ଭାଇ! ଆର୍ଯ୍ୟସମାଜର ଅତୀତ ଇତିହାସରେ ଏଭଳି ଆୟୋଜନ ହୋଇ ନଥାଇପାରେ; କିନ୍ତୁ ଭବିଷ୍ୟତ ବିଷୟରେ ଏଭଳି ମନ୍ତବ୍ୟ ଦିଅନାହିଁ। କାରଣ ୨୦୨୪ରେ ମହର୍ଷି ଦୟାନନ୍ଦଙ୍କ ୨୦୦ତମ ଜନ୍ମବାର୍ଷିକୀ। ସେ କାର୍ଯ୍ୟକ୍ରମକୁ ଏହାଠୁ ମଧ୍ୟ ବିଶାଳ ଓ ଭବ୍ୟ ରୂପେ ପାଳନ କରାଯିବା ପାଇଁ ସଭା ସଂକଳ୍ପ ନେଇଛି।"

ଏହି କାର୍ଯ୍ୟକ୍ରମକୁ ଏଭଳି ଭବ୍ୟ, ବିଶାଳ ଓ ସଫଳ କରିବା ନିମନ୍ତେ ଅନେକ ବିନ୍ଦୁ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ପ୍ରଥମତଃ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ଓ ଦିଲ୍ଲୀ ଆର୍ଯ୍ୟ ପ୍ରତିନିଧି ସଭାର ବହୁ ସଂଖ୍ୟକ କର୍ମକର୍ତ୍ତାଙ୍କ ନିରନ୍ତର ବିଚାର-ବିମର୍ଶ ଦ୍ୱାରା ସମସ୍ତ ବସିଭାଗ ଉପରେ ବିସ୍ତୃତ ଯୋଜନା କରାଯାଇଥିଲା। ଦ୍ୱିତୀୟତଃ ଏଭଳି କାର୍ଯ୍ୟକ୍ରମକୁ ସର୍ବାଙ୍ଗ-ସୁନ୍ଦର, ସଫଳ କରିବା ପାଇଁ ଆବଶ୍ୟକ ଥିଲା ବିପୁଳ ଅର୍ଥ। ପରମାତ୍ମାଙ୍କ କୃପାରେ ମହର୍ଷିଙ୍କ ଓ ବୈଦିକ ଧର୍ମର ଅନୁଗାମୀମାନେ ଏହା ପୂରଣ କରିବାକୁ ଆଗେଇ ଆସିଲେ। ଏଥିରେ ସର୍ବପ୍ରଥମ ଥିଲେ ବର୍ତ୍ତମାନ ସମୟରେ ତନୁ-ମନ-ଧନରେ ଆର୍ଯ୍ୟଜଗତର ସର୍ବାଧିକ ସହଯୋଗୀ ଆର୍ଯ୍ୟସମାଜର ଭାମାଶାହ, ଏ କାର୍ଯ୍ୟକ୍ରମର ସ୍ୱାଗତାଧ୍ୟକ୍ଷ ମହାଶୟ ଧର୍ମପାଳ (ଏମ୍.ଡି.ଏଚ୍)। ଗଣମାଧ୍ୟମରେ କାର୍ଯ୍ୟକ୍ରମର ପ୍ରଚାର-ପ୍ରସାରରେ ମଧ୍ୟ ତାଙ୍କ ବଡ଼ ସହଯୋଗ ରହିଲା। ଏହା ସାଙ୍ଗକୁ ଅନ୍ୟ ବଡ଼ ଆର୍ଥିକ ସହଯୋଗୀ ହେଲେ ସାର୍ବଦେଶିକ ସଭାର ସଭାପତି ସୁରେଶ ଚନ୍ଦ୍ର ଆର୍ଯ୍ୟ (ଜେ.ବି.ଏମ୍), ମୁଞ୍ଜାଲ୍ ପରିବାର (Hero Group), ଅଶୋକ ଗୌହାନ୍ (ଏମିଟି), ଦୀନଦୟାଲ୍ ଗୁପ୍ତା (ଡଲାର ବାନିଆନ୍), ଧର୍ମପାଳ ଆର୍ଯ୍ୟ। ଏତଦ୍ ବ୍ୟତୀତ ପ୍ରାନ୍ତୀୟ ସଭା ମଧ୍ୟରୁ ସବୁଠୁ ବଡ଼ ସହଯୋଗ ଦିଲ୍ଲୀ ଆର୍ଯ୍ୟ ପ୍ରତିନିଧି ସଭାରୁ ପ୍ରାପ୍ତ ହେଲା। ଯେଉଁ ମହାନୁଭବମାନେ ସମ୍ମେଳନ ପୂର୍ବରୁ ଆର୍ଥିକ ସହଯୋଗ ଦେଇପାରିନଥିଲେ ସେପରି ହଜାର-ହଜାର ଆର୍ଯ୍ୟଜନତା ସମ୍ମେଳନ ସ୍ଥଳରେ ସ୍ୱ-ସ୍ୱ ଆର୍ଥିକ ସହଯୋଗ ଉଦାର ଚିତ୍ତରେ ଦେଲେ। ଏହି ଯଜ୍ଞରେ ଛୋଟରୁ ଛୋଟ ଆର୍ଥିକ ରାଶି ସହଯୋଗ ଦେଉଥିବା ବ୍ୟକ୍ତି ମଧ୍ୟ ବଡ଼ ଉତ୍ସାହ ପୂର୍ବକ ସହଯୋଗ ଦେଇ ନିଜକୁ ଭାଗ୍ୟବାନ୍ ମନେ କରୁଥିଲେ।

କାର୍ଯ୍ୟକ୍ରମର ସଫଳତା ନିମନ୍ତେ ତୃତୀୟ ଆଧାର ବିନ୍ଦୁ ଥିଲା ଏହି ଯୋଜନାକୁ ସଫଳ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କ ଦୃଢ଼ ଇଚ୍ଛାଶକ୍ତି, ଉତ୍ସାହ, ଦିନରାତିର ଅନଥକ ପ୍ରୟାସ। ଦେଶ ଓ ବିଦେଶର ସଦସ୍ୟମାନଙ୍କ ସହ ନିରନ୍ତ ସମ୍ପର୍କ କାରଣରୁ ଏତେ ସଂଖ୍ୟାରେ ଆର୍ଯ୍ୟଜନତା ଯୋଗଦେଲେ। ଏମାନଙ୍କ ଆତିଥେୟତା ପାଇଁ ଦିଲ୍ଲୀ ଆର୍ଯ୍ୟ ପ୍ରତିନିଧି ସଭା, ଦିଲ୍ଲୀର ସମସ୍ତ ଆର୍ଯ୍ୟସମାଜ ଓ ଆର୍ଯ୍ୟ ବୀର ଦଳର କର୍ମକର୍ତ୍ତା, ସଦସ୍ୟମାନେ ତତ୍ପର ହୋଇଉଠିଲେ। ଆଗନ୍ତୁକଙ୍କୁ ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେସନ୍‌ରୁ ଆଣିବା-ନେବା ପାଇଁ ଜଗବୀର ସିଂହ ଓ ବୃହସ୍ପତି ଆର୍ଯ୍ୟଙ୍କ ନେତୃତ୍ୱରେ ଆର୍ଯ୍ୟବୀର ଦଳର ସଦସ୍ୟଙ୍କ ସହଯୋଗରେ ୭୦ଟି ବସ୍ ନିରନ୍ତର କାର୍ଯ୍ୟ କରୁଥିଲା।

କାର୍ଯ୍ୟକ୍ରମର ସଫଳତାର ଚତୁର୍ଥ ଆଧାର ବିନ୍ଦୁ ଥିଲା କାର୍ଯ୍ୟକୁ ଗରିମାମୟ ସ୍ଥିତି ପ୍ରଦାନ କରୁଥିବା ସାଧୁ-ସନ୍ଥ, ବିଦ୍ୱାନ୍, ବକ୍ତା, ଭଜନୋପଦେଶକ ଓ ଶ୍ରୋତୃବୃନ୍ଦଙ୍କ ବିଶାଳ ଉପସ୍ଥିତି । ଭାରତର ବିଶାଳ ଜନସମୂହ ସାଙ୍ଗକୁ କାର୍ଯ୍ୟକ୍ରମରେ ଆମେରିକା, ଜର୍ମାନୀ, ବଙ୍ଗଳାଦେଶ, ସୁରୀନାମ, ମ୍ୟାନ୍‌ମାର(ବର୍ମା), କାନାଡ଼ା, ଗୁୟାନା, ବେଲଜିୟମ୍, ଫିଜି, ବ୍ରିଟେନ୍, ହଲାଣ୍ଡ, ତାଞ୍ଜାନିଆ, ମରିଶସ୍, ଜାମାଇକା, କେନିଆ, ତ୍ରିନିଦାଦ, ଦକ୍ଷିଣ ଆଫ୍ରିକା, ମ୍ୟାଲେସିଆ, ନ୍ୟୁଜିଲାଣ୍ଡ, ପାକିସ୍ଥାନ, ନେପାଳ, ଚେକ ଗଣରାଜ୍ୟ, ଭୁଟାନ୍, ୟୁଗାଣ୍ଡା, ଜାପାନ, ଆର୍ମେନିଆ, ସିଙ୍ଗାପୁର, ଦୁବାଇ, ଫ୍ରାନ୍‌ସ, ଅଷ୍ଟ୍ରେଲିଆ ଥାଇଲାଣ୍ଡ, ୱେଷ୍ଟଇଣ୍ଡିଜ୍ ଆଦି ୩୨ ଦେଶରୁ ପ୍ରାୟ ୩୦୦୦ ପ୍ରତିନିଧି ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ ଆଲୋଚନାର ଯେଉଁ ସବୁ ସତ୍ର ଥିଲା ପ୍ରତ୍ୟେକ ସତ୍ର ସମାଜ, ରାଷ୍ଟ୍ର, ବୈଦିକ ଧର୍ମ ତଥା କୁରୀତିନୀତି ଓ ପାଖଣ୍ଡ ନିବାରଣ ସହ ସମ୍ବନ୍ଧିତ ଥିଲା । ବିଭିନ୍ନ ସତ୍ର ବେଦ ସମ୍ମେଳନ, ରାଷ୍ଟ୍ରରକ୍ଷା ସମ୍ମେଳନ, ମହିଳା ସମ୍ମେଳନ, ଆର୍ଯ୍ୟ ପରିବାର ସମ୍ମେଳନ, ସଂସ୍କୃତି ଓ ସାମାଜିକ ଚେତନା ସମ୍ମେଳନ, ଅନ୍ଧବିଶ୍ୱାସ ନିବାରଣ ସମ୍ମେଳନ, ଆର୍ଯ୍ୟବୀର ସମ୍ମେଳନ, ବିଶ୍ୱ ଆର୍ଯ୍ୟସମାଜ ସମ୍ମେଳନ, ଆର୍ଯ୍ୟସମାଜ ସେବାକାର୍ଯ୍ୟ ସମ୍ମେଳନ, କବି ସମ୍ମେଳନ ରୂପେ ସମ୍ପନ୍ନ ହୋଇଥିଲା । ପ୍ରତ୍ୟେକ ବିଷୟ ସମ୍ବନ୍ଧରେ ଯେଉଁ ବକ୍ତାଙ୍କୁ ନିମନ୍ତ୍ରିତ କରାଯାଇଥିଲା ସେମାନେ ସାମୟିକ ପରିସ୍ଥିତିକୁ ଧ୍ୟାନରେ ରଖି ଅତ୍ୟନ୍ତ ବିଦ୍ୱତ୍ତାପୂର୍ଣ୍ଣ ସ୍ୱଢଙ୍ଗରେ ବିଚାର ଉପସ୍ଥାପନ କରିଥିଲେ ।

କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇଥିବା ସନ୍ନ୍ୟାସୀ, ବିଦ୍ୱାନ୍, ଭଜନୋପଦେଶକ ଏବଂ ସାମାଜିକ ଓ ରାଜନୈତିକ ଦୃଷ୍ଟିରୁ ବିଶେଷ ପରିଚୟ ରଖିଥିବା ୫୦୦ରୁ ଉର୍ଦ୍ଧ୍ୱ ମହାନୁଭବ ପଦାର୍ପଣ କରିଥିଲେ । ବକ୍ତା ରୂପେ ଅନେକ ସାଧୁ-ସନ୍ଥ ଓ ବିଦ୍ୱାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଯୋଗଦାନ କରିଥିବା **ସାଧୁ-ସନ୍ନ୍ୟାସୀଙ୍କ ମଧ୍ୟରେ ପ୍ରମୁଖ ଥିଲେ** — ସ୍ୱାମୀ ଧର୍ମାନନ୍ଦ (ଓଡ଼ିଶା), ସ୍ୱାମୀ ପ୍ରଣବାନନ୍ଦ (ଦିଲ୍ଲୀ), ସ୍ୱାମୀ ଦେବବ୍ରତ (ଦିଲ୍ଲୀ), ସ୍ୱାମୀ ବିବେକାନନ୍ଦ (ଉତ୍ତରପ୍ରଦେଶ), ସ୍ୱାମୀ ବିବେକାନନ୍ଦ (ଗୁଜରାଟ), ସ୍ୱାମୀ ଋତସ୍ପତି (ମଧ୍ୟପ୍ରଦେଶ), ସ୍ୱାମୀ ସମ୍ପୂର୍ଣ୍ଣାନନ୍ଦ (ହରିଆନା), ସ୍ୱାମୀ ବ୍ରତାନନ୍ଦ (ଓଡ଼ିଶା), ସ୍ୱାମୀ ସଦାନନ୍ଦ (ପଞ୍ଜାବ), ସ୍ୱାମୀ ଗୋବିନ୍ଦ ଗିରି (ଭାରତମାତା ମନ୍ଦିର,ହରିଦ୍ୱାର), ସ୍ୱାମୀ ଶ୍ରଦ୍ଧାନନ୍ଦ (ମହାରାଷ୍ଟ୍ର), ସ୍ୱାମୀ ଶାରଦାନନ୍ଦ (ରାଜସ୍ଥାନ), ସ୍ୱାମୀ ସୁଧାନନ୍ଦ (ଓଡ଼ିଶା), ସ୍ୱାମୀ ଚିଦାନନ୍ଦ, ସ୍ୱାମୀ ବିଦେହ ଯୋଗୀ (କୁରୁକ୍ଷେତ୍ର), ସ୍ୱାମୀ ବ୍ରହ୍ମାନନ୍ଦ (ତେଲେଙ୍ଗାନା), ସ୍ୱାମୀ ଧର୍ମେଶ୍ୱରାନନ୍ଦ (ଉତ୍ତର ପ୍ରଦେଶ), ସ୍ୱାମୀ ବେଦାନନ୍ଦ (ଉତ୍ତରାଖଣ୍ଡ), ଆଚାର୍ଯ୍ୟ ବିଜୟପାଲ (ହରିଆନା), ଅଗ୍ନିବ୍ରତ ନୈଷ୍ଠିକ (ରାଜସ୍ଥାନ), ସାଧ୍ୱୀ ଉତ୍ତମାଯତୀ (ଦିଲ୍ଲୀ), ସାଧ୍ୱୀ ପୁଷ୍ପା (ହରିଆନା) ଆଦି ।

**ବିଦ୍ୱାନଙ୍କ ମଧ୍ୟରେ ପ୍ରମୁଖ ଥିଲେ** — ଡଃ. ସୋମଦେବ ଶାସ୍ତ୍ରୀ, ଡଃ. ବେଦପାଲ, ଡଃ. ମହାବୀର ଅଗ୍ରୱାଲ, ଡଃ. ଜ୍ୱଲନ୍ତ କୁମାର ଶାସ୍ତ୍ରୀ, ଡଃ. ପ୍ରଶସ୍ୟମିତ୍ର ଶାସ୍ତ୍ରୀ, ଆଚାର୍ଯ୍ୟ ସତ୍ୟାନନ୍ଦ ବେଦବାଗୀଶ, ଆଚାର୍ଯ୍ୟ ବାଗୀଶ, ଆଚାର୍ଯ୍ୟ ବେଦପ୍ରକାଶ ଶ୍ରୋତ୍ରିୟ, ଡଃ. ମହେଶ ବିଦ୍ୟାଳଙ୍କାର, ଆଚାର୍ଯ୍ୟ ଅଗ୍ନିବ୍ରତ, ଆଚାର୍ଯ୍ୟ ସନତକୁମାର, ଆଚାର୍ଯ୍ୟ ସତ୍ୟଜିତ୍, ଡଃ. ଜୟେନ୍ଦ୍ର, ଡଃ କର୍ଣ୍ଣଦେବ, ଆଚାର୍ଯ୍ୟ ପୁନୀତ ଶାସ୍ତ୍ରୀ, ଡଃ ରାମକୃଷ୍ଣ ଶାସ୍ତ୍ରୀ, ଡଃ.ବୀରପାଳ ବିଦ୍ୟାଳଙ୍କାର, ଡଃ. ଦୁଲାଲ ଶାସ୍ତ୍ରୀ, ଡଃ. ସୂର୍ଯ୍ୟାଦେବୀ, ଡଃ. ନନ୍ଦିତା, ଡଃ. ଅନ୍ନପୂର୍ଣ୍ଣା, ଡଃ. ପ୍ରିୟମ୍ବଦା ବେଦଭାରତୀ, ଆଚାର୍ଯ୍ୟ ଗାୟତ୍ରୀ,ଡଃ. ପବିତ୍ରା ବେଦାଳଙ୍କାର, ଡଃ. ଉମା ଆର୍ଯ୍ୟା ଆଦି ।

ଭଜନୋପଦେଶକଙ୍କ ମଧ୍ୟରେ ପ୍ରମୁଖ ଥିଲେ — ଯୋଗେଶ ଦତ୍ତ, ପଣ୍ଡିତ ସତ୍ୟପାଲ ପଥିକ, ନରେଶ ଦତ୍ତ, କୁଳଦୀପ, ଅଞ୍ଜଳି, କୁଳଦୀପ ବିଦ୍ୟାର୍ଥୀ, ଦିନେଶ ପଥିକ, ଘନଶ୍ୟାମ ପ୍ରେମୀ, ଜଗତ ବର୍ମା, ଆଚାର୍ଯ୍ୟ ଅଶୋକ, ଆଚାର୍ଯ୍ୟ ମୋହିତ ଶାସ୍ତ୍ରୀ, ଭାନୁପ୍ରତାପ ଶାସ୍ତ୍ରୀ, କେଶବଦେବ ଶର୍ମା, କଲ୍ୟାଣ ଦେବ ଆଦି ।

ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସାର୍ଥକ, ବ୍ୟବସ୍ଥିତ କରିବାପାଇଁ କୁଶଳୀ ଓ ଅନୁଭବୀ ବକ୍ତାଙ୍କୁ ବିଭିନ୍ନ ସତ୍ରର ସଂଯୋଜକ ଦାୟିତ୍ୱ ଦିଆଯାଇଥିଲା । ସେମାନେ ହେଲେ — ଧର୍ମପାଳ ଆର୍ଯ୍ୟ, ବିନୟ ଆର୍ଯ୍ୟ, ଡଃ. ବିନୟ ବେଦାଳଙ୍କାର, ଡଃ. ରାଜେନ୍ଦ୍ର ବିଦ୍ୟାଳଙ୍କାର, ଅଶୋକ ଆର୍ଯ୍ୟ (ଉଦୟପୁର), ବାଚୋନିଧି ଆର୍ଯ୍ୟ, ମୃଦୁଳା ଚୌହାନ, ଡଃ. ସୁରେନ୍ଦ୍ର କୁମାର

(ଗୁରୁଗ୍ରାମ), ସୁଦେଶ ଆର୍ଯ୍ୟା, ସୂର୍ଯ୍ୟ ପ୍ରସାଦ କେରେ (ହଲାଣ୍ଡ), ସୁରେନ୍ଦ୍ର କୁମାର ରାଲି, ସ୍ମାରିକା ସଂଯୋଜକ ଅଜୟ ସହଗଲ, ସତ୍ୟବୀର ଶାସ୍ତ୍ରୀ (ଅମରାବତୀ), ବ୍ୟାସନନ୍ଦନ ଶାସ୍ତ୍ରୀ (ବିହାର), ସତୀଶ ଚଡ୍‌ଢ଼ା, ଆଚାର୍ଯ୍ୟ ବୀରେନ୍ଦ୍ର ବିକ୍ରମ (ଦିଲ୍ଲୀ), ଡଃ. ଦକ୍ଷଦେବ (ଇନ୍ଦୋର) ପ୍ରମୁଖ।

କାର୍ଯ୍ୟକ୍ରମର ଶୁଭାରମ୍ଭ ମହାଶୟ ଧର୍ମପାଲ (ଏମ୍.ଡି.ଏଚ୍) ଏବଂ ସାର୍ବଦେଶିକ ସଭାର ସଭାପତି ସୁରେଶ ଚନ୍ଦ୍ର ଆର୍ଯ୍ୟଙ୍କ କରକମଳରେ ଓମ୍ ଧ୍ୱଜ ଉତ୍ତୋଳନ ପୂର୍ବକ ହେଲା। ଟାଣ୍ଡାରୁ ଆସିଥିବା କନ୍ୟାମାନେ ଧ୍ୱଜଗୀତ ଗାନ କରିଥିଲେ। ତତ୍‌ପଶ୍ଚାତ୍ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମ୍ମେଳନର ବିଧିବଦ୍ଧ ରୂପେ ଉଦ୍‌ଘାଟନ ହେଲା। ବିବିଧ ସତ୍ରରେ ଅନ୍ୟାନ୍ୟ ସାଧୁ-ସନ୍ଥ ଓ ବକ୍ତାମାନଙ୍କ ସାଙ୍ଗକୁ ହିମାଚଳ ପ୍ରଦେଶର ରାଜ୍ୟପାଳ ମାନନୀୟ ଆଚାର୍ଯ୍ୟ ଦେବବ୍ରତ, ସିକିମ୍‌ର ରାଜ୍ୟପାଳ ମାନନୀୟ ଗଙ୍ଗାପ୍ରସାଦ, ଆସାମର ରାଜ୍ୟପାଳ ମାନନୀୟ ଜଗଦୀଶ ମୁଖୀ, କେନ୍ଦ୍ର ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଡାକ୍ତର ହର୍ଷବର୍ଦ୍ଧନ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ, କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ମାନବସମ୍ବଳ ବିକାଶ ରାଜ୍ୟମନ୍ତ୍ରୀ ଡଃ.ସତ୍ୟପାଲ ସିଂହ, ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ହରିଆନାର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର, ହରିଆନାର ଅର୍ଥମନ୍ତ୍ରୀ କ୍ୟାପଟେନ୍ ଅଭିମନ୍ୟୁ, ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, କେନ୍ଦ୍ର ପାର୍ଲିଆମେଣ୍ଟ ବ୍ୟାପାର ରାଜ୍ୟମନ୍ତ୍ରୀ ବିଜୟ ଗୋଏଲ, ସାଂସଦ ସ୍ୱାମୀ ସୁମେଧାନନ୍ଦ, ମନୋଜ ତିୱାରୀ, ଯୋଗଗୁରୁ ସ୍ୱାମୀ ରାମଦେବ, ଆଚାର୍ଯ୍ୟ ବାଲକୃଷ୍ଣ ପ୍ରମୁଖ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ।

ପରମାତ୍ମାଙ୍କ କୃପାରୁ ହଜାର-ହଜାର ଲୋକ ଦୈନିକ ଉପସ୍ଥିତ ରହୁଥିବା ସତ୍ତ୍ୱେ କୌଣସି ପ୍ରକାର ଦୁର୍ଘଟଣା ଘଟିନଥିଲା, କୌଣସି ଅବ୍ୟବସ୍ଥା ହୋଇନଥିଲା। ପାଗ ମଧ୍ୟ ଅନୁକୂଳ ରହିଲା। ସମ୍ମେଳନର ଉଦ୍ଦେଶ୍ୟ କେବଳ ବଡ଼ ସଂଖ୍ୟାରେ ଭିଡ଼ ଏକତ୍ରିତ କରିବା ନଥିଲା, ବରଂ ଉଦ୍ଦେଶ୍ୟ ଥିଲା ନିରାଶ ଭାବରେ ପୂରି ରହିଥିବା କିଛି ଆର୍ଯ୍ୟଜନତାଙ୍କୁ ସ୍ୱ ସଂଗଠନ ଶକ୍ତିର ପରିଚୟ ଦେଇ, ସ୍ୱ ସ୍ୱର୍ଣ୍ଣିମା ଅତୀତକୁ ସ୍ମରଣ କରାଇ ଉଜ୍ଜ୍ୱଳ ଭବିଷ୍ୟ ନିମନ୍ତେ ପ୍ରେରିତ ଓ ସଂକଳ୍ପବଦ୍ଧ କରିବା। ସମବେତ ଆର୍ଯ୍ୟଜନତାଙ୍କ ସ୍ଫୂର୍ତ୍ତି ଓ ପ୍ରତିକ୍ରିୟା ଦେଖିଲେ ଏ ଦୃଷ୍ଟିରୁ ଏ ସମ୍ମେଳନ ବହୁଳାଂଶରେ ସଫଳ ହୋଇଛି ବୋଲି କୁହାଯାଇପାରେ।

ଉତ୍ତମରୁ ଉତ୍ତମ ବ୍ୟବସ୍ଥା ହେଉ, ଉତ୍କୃଷ୍ଟ ବକ୍ତାଙ୍କ ପ୍ରେରଣାପ୍ରଦ ଚର୍ଚ୍ଚା ଦ୍ୱାରା ଆର୍ଯ୍ୟଜନତା ଉପକୃତ ହୁଅନ୍ତୁ, ଭୋଜନ, ନିବାସ, ଆତିଥ୍ୟ ଓ ଅନ୍ୟ ଆବଶ୍ୟକ ଆବଶ୍ୟକତା ଉତ୍ତମ ହେଉ ଏଥିପାଇଁ ଯତ୍‌ପରୋନାସ୍ତି ପ୍ରଚେଷ୍ଟା କରାଯାଇଥିଲା।। ୨୦୦୬ ଓ ୨୦୧୨ର ମହାସମ୍ମେଳନର ଅସୁବିଧାକୁ ଦୂର କରିବା ପାଇଁ ପାରୁ ପର୍ଯ୍ୟନ୍ତ ପ୍ରଯତ୍ନ କରାଯାଇଥିଲା। ତଥାପି ପୂର୍ଣ୍ଣତା ତ କେବଳ ପରମେଶ୍ୱରଙ୍କ କାର୍ଯ୍ୟରେ ହିଁ ଥାଏ। ଆମେ ସମସ୍ତେ ତ ମନୁଷ୍ୟ। ଏଣୁ ବ୍ୟବସ୍ଥା, ବ୍ୟବହାର ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନେକ ତ୍ରୁଟି ବିଚ୍ୟୁତି ରହିବା ସ୍ୱାଭାବିକ। ଅତଃ କୌଣସି ଆଗନ୍ତୁକ, ଅତିଥି, ବିଦ୍ୱାନ୍, କାର୍ଯ୍ୟକର୍ତ୍ତାଙ୍କୁ ହୋଇଥିବା ଶାରୀରିକ, ଆତ୍ମିକ କ୍ଳେଶ, କଷ୍ଟ ପାଇଁ ମୁଁ ସଂଗଠନ ପକ୍ଷରୁ ଓ ବ୍ୟକ୍ତିଗତ ରୂପେ ଯୋଡ଼ହସ୍ତରେ କ୍ଷମା ମାଗୁଛି।

୨୮ ଅକ୍ଟୋବର ସମ୍ମେଳନର ସମାପନ ଆପଣଙ୍କ ଓ ଆମ ଯାତ୍ରାର ସମାପନ ନୁହେଁ। ଆସନ୍ତା ୨୦୨୪ରେ ମହର୍ଷିଙ୍କ ୨୦୦ ତମ ଜନ୍ମବାର୍ଷିକୀ ପାଳନ ପାଇଁ ଆମକୁ ଏବେଠୁ ପ୍ରସ୍ତୁତ ହେବାକୁ ପଡ଼ିବ। ଏହି କାର୍ଯ୍ୟକ୍ରମର ସଫଳତାର ଶ୍ରେୟ କର୍ମଠ, ସମର୍ପିତ, ଧ୍ୟେୟନିଷ୍ଠ କାର୍ଯ୍ୟକର୍ତ୍ତା, ବିଦ୍ୱାନଙ୍କର ଯେତିକି, ପ୍ରତ୍ୟେକ ଆର୍ଯ୍ୟଜନତାଙ୍କ ବି ସେତିକି ଯେଉଁମାନେ କି ବହୁ ଦୂରରୁ ବହୁ କଷ୍ଟ ସ୍ୱୀକାର କରି ଏଇଠି ପହଞ୍ଚିଥିଲେ ଓ ଆମକୁ ସବୁ କ୍ଷେତ୍ରରେ ସହଯୋଗ କଲେ। ସଭା ତରଫରୁ ମୁଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

**ପ୍ରକାଶ ଆର୍ଯ୍ୟ**
ସଂପାଦକ
ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା, ଦିଲ୍ଲୀ

# ଅନ୍ତର୍ରାଷ୍ଟ୍ରିୟ ଆର୍ଯ୍ୟ ମହାସମ୍ମେଳନ ଦିଲ୍ଲୀ - ୨୦୧୮
# ଭବ୍ୟତା, ବିଶାଳତା ଓ ବିଶେଷତାର ସଂକ୍ଷିପ୍ତ ପରିଚୟ

- ଅନ୍ତର୍ରାଷ୍ଟ୍ରୀୟ ଆର୍ଯ୍ୟ ମହାସମ୍ମେଳନର ବିଶ୍ୱ ସ୍ତରରେ ପ୍ରଚାର କରାଯାଇଥିଲା - ଟି.ଭି ବିଜ୍ଞାପନ ଓ ସୋଶିଆଲ୍ ମିଡ଼ିଆ ଦ୍ୱାରା।
- ଦିଲ୍ଲୀର ରାମଲୀଳା ମଇଦାନର କ୍ଷେତ୍ରଫଳ ୫.୨୫ ଲକ୍ଷ ବର୍ଗ ଫୁଟ୍‌ର ପ୍ରାୟ ସାତ ଗୁଣ ୩୩ ଲକ୍ଷ ବର୍ଗ ଫୁଟ ଥିଲା ସମ୍ମେଳନ ସ୍ଥଳର ବିଶାଳ ଆକାର।
- ୧୦ ଲକ୍ଷ ବର୍ଗଫୁଟ ସ୍ଥାନ ଉପରେ ୱାଟର-ପ୍ରୁଫ୍ ପେଣ୍ଡାଲ ତିଆରି ହୋଇଥିଲା।
- ଚଲା-ବୁଲା ସମୟରେ ଧୂଳି-ମାଟିରୁ ରକ୍ଷା ପାଇଁ ୫ ଲକ୍ଷ ବର୍ଗ ଫୁଟ ସ୍ଥାନରେ କାର୍ପେଟ ବିଛାଯାଇଥିଲା।
- ମଇଦାନକୁ ସମତଳ କରିବା ପାଇଁ ୪ଟି ଜେସିବି ମେସିନ୍ ଓ ୨ଟି ରୋଡ ରୋଲର ମାସେ କାଳ ଲଗାତାର କାର୍ଯ୍ୟରେ ଲାଗିଥିଲା।
- ୨୦ ହଜାର ରନିଙ୍ଗ ଫୁଟ ଟିଣ ବାଉଣ୍ଡ୍ରି ୱାଲ ଦ୍ୱାରା କରାଯାଇଥିଲା ସୁରକ୍ଷା ବ୍ୟବସ୍ଥା।
- ସମ୍ମେଳନ ସ୍ଥଳରେ ୨୨ଟି ପାଣିର ବୋରିଙ୍ଗ ନଳକୂଅ କରାଯାଇଥିଲା।
- ୩ କିମି ଲମ୍ୱାରେ ପିଇବାପାଣିର ପାଇପ୍ ଲାଇନ୍ ବିଛାଯାଇଥିଲା- ୨୪ ସ୍ଥାନରେ ପାଣିର ପ୍ଲାଟଫର୍ମ ତିଆରି କରାଯାଇଥିଲା।
- ସମ୍ମେଳନ ସମୟରେ ସ୍ୱଚ୍ଛତା ନିମନ୍ତେ ୪ ଦିନ ପର୍ଯ୍ୟନ୍ତ ନିରନ୍ତର ୧୫ ସଫେଇ କର୍ମଚାରୀ ଅକ୍ଲାନ୍ତ ପରିଶ୍ରମ କରିଥିଲେ।
- ବ୍ୟବସ୍ଥା ଜନିତ ୧୨୭ଟି ସମିତି ଗଠନ କରାଯାଇଥିଲା ଓ ଏହାର ୨୫୦୦ କାର୍ଯ୍ୟକର୍ତ୍ତା ଦିନରାତି ବ୍ୟବସ୍ଥାରେ ଲାଗିଥିଲେ।
- ଅଭୂତପୂର୍ବ ସୌନ୍ଦର୍ଯ୍ୟ ଓ ଭବ୍ୟ ଶୋଭାରେ ଯୁକ୍ତ ଥିଲା - ସମ୍ମେଳନର ମୁଖ୍ୟ ପ୍ରବେଶଦ୍ୱାର।
- ସମ୍ମେଳନ ସ୍ଥଳର ଦିବ୍ୟ ସାଜସଜ୍ଜାରେ ଆର୍ଯ୍ୟଜନତାଙ୍କ ମନ ପ୍ରସନ୍ନତାରେ ପୂରିଉଠିଲା।
- ଭାରତର ମହାମହିମ ରାଷ୍ଟ୍ରପତି ସ୍ୱ କରକମଳରେ ସମ୍ମେଳନରେ ଉଦ୍‌ଘାଟନ କଲେ।
- ଭାରତର ପ୍ରଧାନମନ୍ତ୍ରୀ ଶୁଭକାମନା ସନ୍ଦେଶ ଦେଇଥିଲେ।
- ହରିଆନା ଓ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ସମ୍ମେଳନରେ ଯୋଗ ଦେଇଥିଲେ।
- ସ୍ୱାମୀ ରାମଦେବ ଦେଲେ ନବଜାଗୃତିର ଓଜସ୍ୱୀ ଉଦ୍‌ବୋଧନ।
- ଭାରତର ଗୃହମନ୍ତ୍ରୀଙ୍କ ଉପସ୍ଥିତିରେ ହେଲା ଭବ୍ୟ ସମାପନ ସମାରୋହ।
- ୪ କେନ୍ଦ୍ରମନ୍ତ୍ରୀ, ୩ ରାଜ୍ୟପାଳ, ୫ ସାଂସଦ ସହିତ ଶତ ସଂଖ୍ୟକ ଗଣମାନ୍ୟ ମହାନୁଭବ ଉପସ୍ଥିତ ଥିଲେ।
- ୧୦,୦୦୦ ଯଜ୍ଞ କୁଣ୍ଡରେ ୧୦,୦୦୦ ଯାଜ୍ଞିକ ଏକ ସାଥିରେ ଯଜ୍ଞ କରି ବିଶ୍ୱ ରେକର୍ଡ କଲେ।
- ମୁଖ୍ୟ ମଞ୍ଚ ସାଙ୍ଗକୁ ଅନ୍ୟ ୧୭ଟି ମଞ୍ଚରେ ଏକା ସାଙ୍ଗରେ ବିବିଧ ପରିଚର୍ଚ୍ଚା, ବିଚାରଗୋଷ୍ଠୀ ଶଙ୍କା ସମାଧାନ ଆଦିର ଭବ୍ୟ ଆୟୋଜନ ଚାଲିଥିଲା।
- ସମ୍ମେଳନ୍ ସ୍ଥଳ ଏତେ ବିଶାଳ ଥିଲା ଯେ ବହୁତ କମ୍ ଲୋକ ହିଁ ପୂରା ସବୁ ଆଡେ ବୁଲି ଦେଖିପାରିଥିଲେ।
- ଆର୍ଯ୍ୟ ବୀର ଓ ବୀରାଙ୍ଗନାଙ୍କ ବ୍ୟାୟାମ ପ୍ରଦର୍ଶନରେ ଅଭିଭୂତ ହେଲେ ଆର୍ଯ୍ୟଜନତା।
- ୫୦ ସ୍ଥାନରେ ଆଗନ୍ତୁକଙ୍କ ରହିବାର ଉତ୍ତମ ବ୍ୟବସ୍ଥା କରାଯାଇଥିଲା।
- ୭୦ ବସ୍ ଦ୍ୱାରା ଆର୍ଯ୍ୟଜନତାଙ୍କୁ ଆଣିବା-ନେବାର ସୁବନ୍ଦୋବସ୍ତ କରାଯାଇଥିଲା।
- ବିଦେଶର ୩୨ ଦେଶରୁ ୩୦୦୦ ପ୍ରତିନିଧି ସମ୍ମେଳନର ଅଂଶଗ୍ରହଣ କରିଥିଲେ।
- ୧୫୦ ବିଦ୍ୟାଳୟ ଓ ଗୁରୁକୁଳର ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।
- ସମୁଦାୟ ପ୍ରାୟ ୨,୦୦,୦୦୦ରୁ ଉର୍ଦ୍ଧ୍ୱ ଆର୍ଯ୍ୟଜନ ସମ୍ମେଳନରେ ଯୋଗ ଦେଇଥିଲେ।
- ୪୦ ପ୍ରତିଶତରୁ ଉର୍ଦ୍ଧ୍ୱ ସଂଖ୍ୟାରେ ୩୦ ବର୍ଷରୁ କମ୍ ବୟସ୍କ ଲୋକ ଭାଗ ନେଇଥିଲେ।
- ସମସ୍ତଙ୍କ ପାଇଁ ଭୋଜନର ସୁନ୍ଦର ବ୍ୟବସ୍ଥା ଥିଲା।
- ସମ୍ମେଳନ ସ୍ଥଳରେ ଲୋକେ ନିଃଶୁଳ୍କ ଦୁଧ, ଦହି, ଘୋଳଦହିର ଭରପୂର ଆନନ୍ଦ ନେଲେ।

❖❖❖

# ଜୀବନ ନିର୍ମାଣ ଶିବିର

ଧର୍ମପ୍ରେମୀ ସଜ୍ଜନବୃନ୍ଦ,

ସାଦର ନମସ୍ତେ। ମନୁଷ୍ୟ ଜୀବନ ଦୁର୍ଲଭ । ସକଳ ଦୁଃଖରୁ ଉଦ୍ଧାର ପାଇ ନିତ୍ୟ ଆନନ୍ଦ ପ୍ରାପ୍ତି ଏହାର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ମନୁଷ୍ୟ ଜୀବନର ବ୍ୟବସ୍ଥିତ, ଯୋଜନାବଦ୍ଧ ନିର୍ମାଣର ଆବଶ୍ୟକତା ଅଛି। ସମୃଦ୍ଧ, ସମୁନ୍ନତ ରାଷ୍ଟ୍ର ଓ ସମାଜ ଗଠନ ନିମନ୍ତେ ମଧ ବ୍ୟକ୍ତିର ଜୀବନ ଆସ୍ତିକ, ଉତ୍କୃଷ୍ଟ, ନୈତିକତାପୂର୍ଣ୍ଣ, ବ୍ୟବସ୍ଥିତ, ଶୃଙ୍ଖଳିତ, ଅନୁଶାସିତ ହେବା ଆବଶ୍ୟକ । ଏହି ବିଷୟକୁ ଧ୍ୟାନରେ ରଖି ଶ୍ରୁତିନ୍ୟାସ ପକ୍ଷରୁ ଏକ ତ୍ରିଦିବସୀୟ ଜୀବନ ନିର୍ମାଣ ଶିବିରର ଆୟୋଜନ କରାଯାଇଛି । ଏହି ଶିବିରରେ କ୍ରିୟାତ୍ମକ ଯୋଗ ସାଧନା, ପଞ୍ଚମହାଯଜ୍ଞ, ଅଷ୍ଟାଙ୍ଗ ଯୋଗ, ଜପବିଧି, ଈଶ୍ୱର-ସମର୍ପଣ, ମାନସିକ ଚାପରୁ ମୁକ୍ତିର ଉପାୟ, ସନ୍ତାନ ନିର୍ମାଣ, ସୁଖୀ ପରିବାର ଆଦି ଅନେକ ଆଧ୍ୟାତ୍ମିକ, ପାରିବାରିକ, ସାମାଜିକ ବିଷୟ ସମ୍ବନ୍ଧରେ ବିସ୍ତାର ପୂର୍ବକ ମାର୍ଗଦର୍ଶନ କରାଯିବ। ଏହି ଶିବିରର —

**ଶିବିରାଧ୍ୟକ୍ଷ** - **ପୂଜ୍ୟ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ** (ଆସ୍ଥା ଚ୍ୟାନେଲ୍‌ର ବୈଦିକ ପ୍ରବକ୍ତା)
**ପ୍ରଶିକ୍ଷକ** - **ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ** (ଅଧ୍ୟକ୍ଷ, ଶ୍ରୁତିନ୍ୟାସ)
**ବ୍ରହ୍ମଚାରୀ ପ୍ରିୟେଶ ଦର୍ଶନାଚାର୍ଯ୍ୟ** (ରୋଜଡ଼, ଅହମ୍ମଦାବାଦ, ଗୁଜରାଟ)
**ସ୍ଥାନ** - **ସରସ୍ୱତୀ ବିଦ୍ୟାମନ୍ଦିର, ଚହଟା ଘାଟ, ତୁଳସୀପୁର, କଟକ**
**ଦିନାଙ୍କ** - **ତା ୨୮.୧୨.୨୦୧୮ ରିଖ ଠାରୁ ତା ୩୦.୧୨.୨୦୧୮ ରିଖ**
**ସମୟ** - **ପ୍ରାତଃ ୫.୦୦ ଠାରୁ ରାତ୍ରି ୭.୩୦ ପର୍ଯ୍ୟନ୍ତ**
**ପଞ୍ଜୀକରଣ ଶୁଳ୍କ** - **₹ ୬୦୦**

**ବି.ଦ୍ର.:**

- ଶିବିରାର୍ଥୀ ୨୭.୧୨.୨୦୧୮ ଗୁରୁବାର ସନ୍ଧ୍ୟା ସୁଦ୍ଧା ଶିବିର ସ୍ଥଳରେ ପହଞ୍ଚିବେ ।
- ଆବାସାଦି ବ୍ୟବସ୍ଥାର ନ୍ୟୂନତା ଆଦି ଅନେକ କାରଣରୁ ସୀମିତ ସଂଖ୍ୟକ ଶିବିରାର୍ଥୀ ଗ୍ରହଣ କରାଯିବ । ପ୍ରଥମ ଆବେଦକଙ୍କୁ ପ୍ରାଥମିକତା ଦିଆଯିବ।
- ଶିବିରରେ ଭାଗନେବାକୁ ଆଗ୍ରହୀ ସଜ୍ଜନ ଆବେଦନ ପତ୍ର ପୂରଣ କରି **ଶ୍ରୁତିନ୍ୟାସ, ସି/୭୩, ସେକ୍ଟର-୧୫, ରାଉରକେଲା-୩, ସୁନ୍ଦରଗଡ଼-୭୬୯୦୦୩** ଠିକଣାରେ ଡିସେମ୍ବର ୧୫ ସୁଦ୍ଧା ପହଞ୍ଚାଇବା ବ୍ୟବସ୍ଥା କରିବେ । ଶିବିରରେ ଅଂଶଗ୍ରହଣର ସ୍ୱୀକୃତି ଦୂରଭାଷ ଯୋଗେ ଦିଆଯିବ । ସ୍ୱୀକୃତି ପ୍ରାପ୍ତ କରିବା ପରେ ପଞ୍ଜୀକରଣ ଶୁଳ୍କ ସଂପାଦକ, ଶ୍ରୁତିନ୍ୟାସଙ୍କ ନାମରେ ଉପରଲିଖିତ ଠିକଣାରେ ମନିଅର୍ଡର ଦ୍ୱାରା ପଠାଇ ନିଜ ନାମ ପଞ୍ଜୀକରଣ କରାଇନେବେ । ପଞ୍ଜୀକରଣ ୨୦.୧୨.୨୦୧୮ ସୁଦ୍ଧା ହେବା ଆବଶ୍ୟକ। ଅନ୍ୟଥା ଶିବିରରେ ଅଂଶଗ୍ରହଣ ପାଇଁ ବ୍ୟବସ୍ଥା ସମ୍ଭବ ନୁହେଁ ।
- ୧୧ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ପଞ୍ଜୀକରଣ ଆବଶ୍ୟକ ନୁହେଁ । ତଦୂର୍ଦ୍ଧ୍ୱ ବୟସର ପିଲାଙ୍କ ପଞ୍ଜୀକରଣ କରିବା ଆବଶ୍ୟକ।
- ଫେରିବା ପାଇଁ ରେଳରେ ସଂରକ୍ଷଣ ଆବଶ୍ୟକ ହେଲେ ପୂର୍ବରୁ ହିଁ କରିଥିବେ ।
- ଶିବିରାର୍ଥୀ ସାଥିରେ ସନ୍ଧ୍ୟୋପାସନା, ଯଜ୍ଞବିଧି, ସଂସ୍କୃତି ଜ୍ଞାନ ପୁସ୍ତକ, କଲମ, ଖାତା, ଟର୍ଚ୍ଚ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ନେଇ ଆସିବେ ।
- ପୁରୁଷମାନେ ଧୋତି-କୁର୍ତ୍ତା, ମହିଳାମାନେ ଧଳା ଶାଢ଼ି ସାଙ୍ଗରେ ନେଇ ଆସିବେ ।

➢ ଶିବିରାର୍ଥୀ ପୂର୍ଣ୍ଣ ଅନୁଶାସନରେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଭାଗ ନେବା ଆବଶ୍ୟକ। ନିୟମ ଓ ଅନୁଶାସନ ବିରୁଦ୍ଧ କାର୍ଯ୍ୟ କଲେ ଶିବିରରେ ଅଂଶଗ୍ରହଣ ସ୍ୱୀକୃତି ତୁରନ୍ତ ପ୍ରତ୍ୟାହାର କରି ନିଆଯିବ ଓ ତାଙ୍କୁ ଶିବିର ଛାଡ଼ି ଯିବାକୁ ହେବ ।

➢ ଶିବିର ଶୁଳ୍କ ଥରେ ଦାଖଲ ହେବା ପରେ କୌଣସି ପରିସ୍ଥିତିରେ ବି ଫେରସ୍ତ କରାଯାଇପାରିବ ନାହିଁ ।

➢ **ଶିବିର ସ୍ଥଳରେ ପହଞ୍ଚିବା ରାସ୍ତା :** ମହାନଦୀ ରିଙ୍ଗ ରୋଡ, ଚହଟାଘାଟ।

## ନିବେଦକ

ଅଭ୍ୟର୍ଥନା ସମିତି

| | | | |
|---|---|---|---|
| **ଇଂ. ସୁଶୀଲ ମହାପାତ୍ର** | **ପ୍ର. ଶରତ ଚନ୍ଦ୍ର ସେନାପତି** | **ମହେଶ ପ୍ରସାଦ ମହାପାତ୍ର** | **ପ୍ରଣତି ରାୟ** |
| ୯୪୩୭୬୨୫୮୦୦ | ୮୭୬୩୭୧୯୧୯୫ | ୯୪୩୭୩୧୪୫୨୦ | ୮୮୯୫୧୬୩୧୩୪ |

ସଂଯୋଜକ : **ପଦ୍ମନାଭ ସ୍ୱାଇଁ** (୯୮୬୧୩୩୫୩୨୧) **ସନ୍ତୋଷ କୁମାର ପଣ୍ଡା** (୯୮୬୧୩୭୨୦୭୬)

ସହ ସଂଯୋଜକ : **ଆନନ୍ଦ ସାମନ୍ତରାୟ** (୮୨୮୦୧୮୯୨୨୯) **ଇଂ. ଅଜୟ ମିଶ୍ର** (୮୨୮୦୪୦୮୩୩୬)

ବ୍ୟବସ୍ଥାପକ : **ଦୁଷ୍ମନ୍ତ ସ୍ୱାଇଁ** (୯୪୩୯୦୦୬୨୭୦) **ଇଂ.କାଳୁଚରଣ ବେହେରା** (୯୪୩୭୦୩୨୪୧୨)

ଉପ ବ୍ୟବସ୍ଥାପକ: **ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ** (୯୮୬୧୩୦୩୦୦୨) **ଶ୍ରୀବସ୍ତ ପାଣିଗ୍ରାହୀ** (୯୭୭୮୬୭୦୧୨୨)

**ରବୀନ୍ଦ୍ର ମହାପାତ୍ର** (୯୪୩୮୧୩୯୩୯୪) **ଇଂ. ଶଶୀଭୂଷଣ ନନ୍ଦ** (୯୫୮୩୩୬୧୩୨୩)

ଆବଶ୍ୟକ ଯୋଗାଯୋଗ :

| | | | |
|---|---|---|---|
| ରାଧାଶ୍ୟାମ ସ୍ୱାଇଁ | ଲେନିନ୍ ପଟ୍ଟନାୟକ | କାବେରୀ ଭୂୟାଁ | |
| ୯୯୩୭୭୬୪୧୧୯ | ୯୩୩୮୮୦୭୯୦୮ | ୯୪୩୭୨୦୭୮୦୦ | |
| ଅଭୟ କୁମାର ରଣା | ଲିଙ୍ଗରାଜ ଦାଶ | ସଚ୍ଚିଦାନନ୍ଦ ବେହେରା | |
| ୯୪୩୯୭୦୦୨୨୪ | ୯୪୩୭୧୫୫୧୪୨ | ୭୦୦୮୦୬୫୫୦୨ | |
| ପାର୍ବତୀ ସ୍ୱାଇଁ | ବିଜୟ କୁମାର ତ୍ରିପାଠୀ | ସୁନିଲ କୁମାର ଗରିଆ | ରବୀନ୍ଦ୍ର ମୋହନ ମିଶ୍ର |
| ୯୮୬୧୫୩୪୦୦୯ | ୯୪୩୭୩୬୬୦୦୪ | ୯୪୩୯୨୨୬୮୦୧ | ୯୯୩୭୨୪୪୯୦୯ |
| ମିତ୍ରଜିତା ମହାପାତ୍ର | ଅନୁସୂୟା ପାତ୍ର | ଶଶୀକାନ୍ତ ନାୟକ | ସଂଯୁକ୍ତାରାଣୀ ପଣ୍ଡା |
| ୯୦୪୯୭୫୬୬୫୭ | ୮୭୬୩୩୭୨୮୦୦ | ୯୦୯୦୪୪୭୬୫୪ | ୭୯୭୮୯୮୬୯୮୨ |

**E-mail :** swainpadmanabha@gmail.com, swamisudhananda@gmail.com, shrutinyas@gmail.com

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି। ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୨୨ | ୨୯୧ | ୮୧୩ | ୧୭. | ଜଗତସିଂହପୁର | ୨୬ | ୦୫ | ୩୧ |
| ୦୨. | ଖୋର୍ଦ୍ଧା | ୩୨୪ | ୯୦ | ୪୧୪ | ୧୮. | ନୟାଗଡ଼ | ୨୩ | ୧୮ | ୪୧ |
| ୦୩. | କଟକ | ୨୯୨ | ୧୫୧ | ୪୪୩ | ୧୯. | ବୌଦ୍ଧ | ୨୨ | ୪୦ | ୬୨ |
| ୦୪. | ସୁନ୍ଦରଗଡ଼ | ୨୪୯ | ୨୧୦ | ୪୫୯ | ୨୦. | ଭଦ୍ରକ | ୨୨ | ୨୫ | ୪୭ |
| ୦୫. | ବରଗଡ଼ | ୨୨୧ | ୧୩୪ | ୩୫୫ | ୨୧. | ଢେଙ୍କାନାଳ | ୨୦ | ୩୨ | ୫୨ |
| ୦୬. | କୋରାପୁଟ | ୧୦୪ | ୬୪ | ୧୬୮ | ୨୨. | ଝାରସୁଗୁଡ଼ା | ୧୮ | ୦୨ | ୨୦ |
| ୦୭. | ବଲାଙ୍ଗିର | ୧୦୦ | ୫୬ | ୧୫୬ | ୨୩. | କେନ୍ଦୁଝର | ୧୬ | ୦୦ | ୧୬ |
| ୦୮. | ସୁବର୍ଣ୍ଣପୁର | ୮୧ | ୬୬ | ୧୪୭ | ୨୪. | କଳାହାଣ୍ଡି | ୧୫ | ୦୨ | ୧୭ |
| ୦୯. | ରାୟଗଡ଼ା | ୬୨ | ୨୨ | ୮୪ | ୨୫. | ଗଜପତି | ୦୯ | ୦୯ | ୧୮ |
| ୧୦. | ସମ୍ବଲପୁର | ୬୧ | ୫୪ | ୧୧୫ | ୨୬. | ଯାଜପୁର | ୦୮ | ୦୪ | ୧୨ |
| ୧୧. | ଅନୁଗୁଳ | ୫୪ | ୧୨ | ୬୬ | ୨୭. | କେନ୍ଦ୍ରାପଡ଼ା | ୦୭ | ୦୫ | ୧୨ |
| ୧୨. | ମୟୂରଭଞ୍ଜ | ୫୦ | ୩୫ | ୮୫ | ୨୮. | ଦେବଗଡ଼ | ୦୫ | ୦୧ | ୦୬ |
| ୧୩. | କନ୍ଧମାଳ | ୪୮ | ୯୪ | ୧୪୨ | ୨୯. | ନୂଆପଡ଼ା | ୦୨ | ୦୪ | ୦୬ |
| ୧୪. | ବାଲେଶ୍ୱର | ୪୩ | ୦୯ | ୫୨ | ୩୦. | ନବରଙ୍ଗପୁର | ୦୧ | ୦୧ | ୦୨ |
| ୧୫. | ପୁରୀ | ୩୯ | ୦୧ | ୪୦ | ୩୧. | ଅନ୍ୟାନ୍ୟ | ୫୬ | ୦୦ | ୫୬ |
| ୧୬. | ମାଲକାନଗିରି | ୩୩ | ୮୧ | ୧୧୪ | | **ମୋଟ** | **୨୫୩୩** | **୧୫୦୪** | **୪୦୩୭** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି। ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୦୯ | ୦୮ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୮୫ | ୦୫ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୭୦ | ୧୧ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୬୭ | ୨୭ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୬୪ | ୩୩ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୪୩ | ୨୪ |
| ଶ୍ରୀମାନ୍ ଶ୍ରୀବସ୍ତ ପାଣିଗ୍ରାହୀ | କଟକ | ୪୧ | ୬୯ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୮ | ୨୦ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୬ | ୪୯ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୩୫ | ୯୫ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୫ | ୦୬ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୧ | ୦୩ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୯ | ୧୬ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୯ | ୦୬ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୫ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୩ | ୬୩ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୧ | ୩୫ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୬ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୦ | ୦୪ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୯ | ୦୯ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୯ | ୦୧ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୦୦ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୮ | ୦୪ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୦୦ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୧୬ | ୨୧ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୬ | ୧୧ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୬ | ୦୨ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୦୧ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୬ | ୦୧ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୧୧ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୦୯ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୪ | ୨୪ |
| ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୪ | ୨୨ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୪ | ୨୦ |
| ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୪ | ୦୮ |
| ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୦ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୩ | ୫୫ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୩ | ୩୬ |
| ବେଦ ପ୍ରଚାର ସମିତି, କଟକ | | ୧୩ | ୦୧ |
| ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୫ |
| ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୪ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୨ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧୨ | ୦୦ |
| ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୨୯ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୧ | ୧୦ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୧୧ | ୦୬ |
| ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୧ | ୦୩ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୧୧ | ୦୧ |
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୧ |
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୦ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୧୦ | ୨୩ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୫ |

| | | | |
|---|---|---|---|
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଲିଗୁଡ଼ା | | ୧୦ | ୦୦ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୯ | ୧୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୯ | ୧୦ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୯ | ୧୦ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୮ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୯ | ୦୫ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୦୯ | ୦୦ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୮ | ୨୫ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୧୩ |
| ବେଦ ପ୍ରଚାର ସମିତି, ଜୟପୁର | | ୦୮ | ୦୩ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୧ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୭ | ୨୧ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୭ | ୧୫ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୭ | ୧୩ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୦୫ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୭ | ୦୧ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମତୀ ନିତମ୍ବିନୀ ସ୍ୱାଇଁ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |

| | | | |
|---|---|---|---|
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୬ | ୧୬ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୬ | ୧୪ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୬ | ୧୩ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୧୦ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୬ | ୦୭ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୬ | ୦୭ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୦୬ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୦୬ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୬ | ୦୬ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୬ | ୦୩ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୧ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୬ | ୦୦ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୬ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୫ | ୦୪ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୦୨ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୧ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୫ | ୦୦ |
| ଶ୍ରୀମତୀ ସୁବାସିନୀ ଦେବୀ | ଖୋର୍ଦ୍ଧା | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |

| | | | |
|---|---|---|---|
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ମିନତି ସାମନ୍ତରାୟ | କୋରାପୁଟ | ୦୫ | ୦୦ |
| ଶ୍ରୀମାନ୍ କାମେଶ୍ୱର ସାହୁ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୪ | ୩୧ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୦୭ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୪ | ୦୩ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୦୨ |
| ଶ୍ରୀମାନ୍ ସୁଧାକର ବେହେରା | ଜଗତସିଂହପୁର | ୦୪ | ୦୧ |
| ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୪ | ୦୧ |
| ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୦ |
| ଆର୍ଯ୍ୟ ସମାଜ ରାୟଗଡ଼ା | | ୦୪ | ୦୦ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୦ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୪ | ୦୦ |
| ଇଂ. ନିରଞ୍ଜନ ପଣ୍ଡା | କୋରାପୁଟ | ୦୪ | ୦୦ |
| ଶ୍ରୀମାନ୍ ବାସୁଦେବ ହୋତା | ରାୟଗଡ଼ା | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମତୀ ଟି. ବବିତା | ବ୍ରହ୍ମପୁର | ୦୪ | ୦୦ |
| ଇଂ. ସୁଶୀଲ କୁମାର ମହାପାତ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ | ମୟୂରଭଞ୍ଜ | ୦୪ | ୦୦ |
| ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ପ୍ରଭାତ କୁମାର ମାଝୀ | କୋରାପୁଟ | ୦୩ | ୪୨ |
| ଶ୍ରୀମତୀ ରେଖାରାଣୀ ସ୍ୱାଇଁ | କଟକ | ୦୩ | ୨୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୩ | ୧୮ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୩ | ୦୭ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୩ | ୦୭ |
| ଶ୍ରୀମାନ୍ ସଞ୍ଜୟ କୁମାର ମଣ୍ଡଳ | ନୟାଗଡ଼ | ୦୩ | ୦୭ |
| ଶ୍ରୀମାନ୍ ଜି. କାଶୀନାଥ | ଗଞ୍ଜାମ | ୦୩ | ୦୪ |
| ଶ୍ରୀମାନ୍ ପ୍ରୀତିବାସ ପୁଟେଲ | ବଲାଙ୍ଗୀର | ୦୩ | ୦୪ |
| ଶ୍ରୀମାନ୍ ପଦ୍ମଲୋଚନା ତାଣ୍ଡି | ବଲାଙ୍ଗିର | ୦୩ | ୦୪ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୦୨ |

| | | | |
|---|---|---|---|
| କୁମାରୀ କବିତା ବିଶ୍ୱାଳ | ମାଲକାନଗିରି | ୦୩ | ୦୨ |
| ବେଦ ପ୍ରଚାର ସମିତି, ଟିଟିଲାଗଡ଼ | | ୦୩ | ୦୧ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ସଚ୍ଚିଦାନନ୍ଦ ବେହେରା | କଟକ | ୦୩ | ୦୦ |
| ଶ୍ରୀମାନ୍ ଅଭୟ କୁମାର ରଣା | କଟକ | ୦୩ | ୦୦ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୦୦ |
| ଶ୍ରୀମତୀ କସ୍ତୁରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମାନ୍ ପ୍ରଶାନ୍ତ କୁମାର ନାୟକ | ବରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୩ | ୦୦ |
| ଶ୍ରୀମାନ୍ କେ.ଉମେଶରାଓ ପାତ୍ର | ବଲାଙ୍ଗିର | ୦୩ | ୦୦ |
| ଇଂ. ଅଭୟ କୁମାର ବିଶ୍ୱାଳ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ମୟୂରଭଞ୍ଜ | ୦୩ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ଗଞ୍ଜାମ | ୦୩ | ୦୦ |
| ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନୁଗୁଳ | ୦୩ | ୦୦ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ନୀଳକଣ୍ଠ ବାରିକ | ଭଦ୍ରକ | ୦୨ | ୨୨ |
| ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୨ | ୧୫ |
| ଶ୍ରୀମାନ୍ ବିଶ୍ୱନାଥ ଦାସ | ଗଞ୍ଜାମ | ୦୨ | ୧୦ |
| ଶ୍ରୀମତୀ ଜ୍ୟୋସ୍ନା ମେହେର | ବରଗଡ଼ | ୦୨ | ୦୭ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୨ | ୦୩ |
| ଶ୍ରୀମାନ୍ ଜୀବର୍ଦ୍ଧନ ସାହୁ | ବରଗଡ଼ | ୦୨ | ୦୨ |
| ଶ୍ରୀମତୀ ଇତିଶ୍ରୀ ପାତ୍ର | ଗଞ୍ଜାମ | ୦୨ | ୦୨ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ଜେନା | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମତୀ ସୁଜାତା ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୧ |
| ଶ୍ରୀମାନ୍ ବ୍ରଜକିଶୋର ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ସାହୁ | ସୁନ୍ଦରଗଡ଼ | ୦୨ | ୦୦ |
| ଇଂ. ଅଜୟ କୁମାର ମିଶ୍ର | କଟକ | ୦୨ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ନାଥ ମହାରଣା | ସମ୍ବଲପୁର | ୦୨ | ୦୦ |
| ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଲାଙ୍ଗୀର | ୦୨ | ୦୦ |
| ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ | କଟକ | ୦୨ | ୦୦ |
| ଶ୍ରୀମାନ୍ ବ୍ରଜକିଶୋର ମଲ୍ଲିକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମତୀ ଶାନ୍ତିଲତା ମିଶ୍ର | ଗଞ୍ଜାମ | ୦୨ | ୦୦ |
| ଶ୍ରୀମତୀ କାନନବାଳା ନାୟକ | ବାଲେଶ୍ୱର | ୦୨ | ୦୦ |

(କ୍ରମଶଃ...)






ରାଷ୍ଟ୍ରଚିନ୍ତନ ସମ୍ମେଳନରେ ହରିଆନାର ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ଓ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ






ରାଷ୍ଟ୍ରଚିନ୍ତନ ସମ୍ମେଳନରେ କେନ୍ଦ୍ର ମାନବସମ୍ବଳ ବିକାଶ ରାଜ୍ୟମନ୍ତ୍ରୀ ଡଃ. ସତ୍ୟପାଲ ସିଂହ ଓ କେନ୍ଦ୍ରମନ୍ତ୍ରୀ ବିଜୟ ଗୋଏଲ







ଅନ୍ଧବିଶ୍ୱାସ ନିବାରଣ ସମ୍ମେଳନରେ ସିକିମ୍ ରାଜ୍ୟପାଳ ଗଙ୍ଗାପ୍ରସାଦ ଓ ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଉଦ୍‌ବୋଧନ




ଅନ୍ଧବିଶ୍ୱାସ ନିବାରଣ ସମ୍ମେଳନରେ ଡଃ. ଜୟନ୍ତ ଶାସ୍ତ୍ରୀଙ୍କ ବିଚାର



ସମ୍ମେଳନରେ ଉପସ୍ଥିତ ଶ୍ରୋତୃବୃନ୍ଦ

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 3 Issue 6 Sept.-Oct. 2018





ମାନବକଲ୍ୟାଣ ବିଶ୍ୱଶାନ୍ତି ଏକତା ଯଜ୍ଞରେ ୧୦ ହଜାର ଯାଜ୍ଞିକ ଏକାସାଥିରେ ଯଜ୍ଞ କରି ବିଶ୍ୱରେକର୍ଡ କଲେ





ମାନବକଲ୍ୟାଣ ବିଶ୍ୱଶାନ୍ତି ଏକତା ଯଜ୍ଞରେ ୧୦ ହଜାର ଯାଜ୍ଞିକ ଏକାସାଥିରେ ଯଜ୍ଞ କରି ବିଶ୍ୱରେକର୍ଡ କଲେ

## Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**